ସାପ୍ତାହିକ
Postal Regd. No.: SBP/14/2019-2021
# ସ୍ୱୀକାର
The Sweekar ସ୍ୱୀକାର
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.25 | Issue - 44 | 05 - 11 December 2021 | Sambalpur | Page-12 | Invitation Price Rs.10

## ୮୩ ବର୍ଷରେ ପଦାର୍ପଣ କଲେ ହେମାନନ୍ଦ ବିଶ୍ୱାଳ

ଝାରସୁଗୁଡ଼ା: ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ ଗତ ୧ ତାରିଖ ଦିନ ୮୩ ବର୍ଷରେ ପଦାର୍ପଣ



କରିଛନ୍ତି । ଏହି ଅବସରରେ ଦେଶର ବିଭିନ୍ନ ସ୍ଥାନରୁ ତାଙ୍କୁ ଦଳୀୟ ନେତା ତଥା ବିଶିଷ୍ଟ ବ୍ୟକ୍ତିମାନେ ଶୁଭେଚ୍ଛା ଜଣାଇଥିଲେ । ସେ ନିଜ ଗାଁ କିର୍ମିରା ବ୍ଲକ ଅନ୍ତର୍ଗତ ଠାକୁରପଡା ଠାରେ ନିରାଡମ୍ବର ଭାବେ ଜନ୍ମଦିନ ପାଳନ କରିଥିଲେ । ଜନ୍ମଦିନ ପାଳନ ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିବା ବେଳେ ସୁନ୍ଦରଗଡ, ବରଗଡ଼ ଓ ଝାରସୁଗୁଡା ସହ ଲଇକେରା, କିର୍ମିରା, କୋଲାବିରା ଆଦି ବହୁ ଶୁଭେଚ୍ଛୁ ଉପସ୍ଥିତ ରହି ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଶ୍ରୀ ବିଶ୍ୱାଳଙ୍କ ଧର୍ମ ପତ୍ନୀ ଉର୍ମିଳାଙ୍କ ସମେତ ସପରିବାର ଅନ୍ୟ ଜ୍ଞାତିକୁଟୁମ୍ବ ମଧ୍ୟ ଉପସ୍ଥିତ ଥିଲେ ।

# ରାଜ୍ୟରେ ମରୁଡ଼ି ପରିସ୍ଥିତି: ପଶ୍ଚିମ ଓଡ଼ିଶାରେ ବହୁ ଚାଷଜମି ପଡ଼ିଆ

ଭୁବନେଶ୍ୱର : କମ୍ ବର୍ଷା ଯୋଗୁଁ ରାଜ୍ୟର ୧୧ ଜିଲ୍ଲାର ୬୬ ବ୍ଲକରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି । ଚାକ୍ଷୁସ ଆକଳନ ରିପୋର୍ଟରୁ ଏହା ଜଣାପଡିଛି । ତେବେ ଜାନୁଆରୀ ୧୫ ତାରିଖ ସୁଦ୍ଧା ଫସଲକଟା ପଦ୍ଧତି ବା କ୍ରପ କଟିଂ ପରେ ସଠିକ୍ କ୍ଷୟକ୍ଷତି ଜଣା ପଡିବ । କମ୍ ବର୍ଷା ଯୋଗୁଁ ରାଜ୍ୟର କିଛି ଅଂଶରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି । ଅନୁଗୁଳର ବଅଁରପାଳ, ଛେଣ୍ଡିପଦା, ଆଠମଲ୍ଲିକ ଓ ଅନୁଗୁଳ ଭଳି ୪ ଟି ବ୍ଲକ, ବରଗଡ଼ର ଗାଇସିଲାଟ, ବିଜେପୁର, ଝାରବନ୍ଧ, ସୋହେଲା, ପଦମପୁର, ପାଇକମାଳ, ଅମ୍ବାଭୋନା, ଭଟଲି ଓ ବରପାଲି ଭଳି ୯ଟି ବ୍ଲକ, ବଲାଙ୍ଗୀରର ପାଟଣାଗଡ଼, ବେଲପଡ଼ା, ଖପ୍ରାଖୋଲ, ଦେଓଗାଁ, କଣ୍ଟାବାଞ୍ଜି, ତୁଷରା, ମୁରିବାହାଲ, ଅଗଲପୁର, ବଙ୍ଗୋମୁଣ୍ଡା, ଲୋଇସିଂହା, ବଲାଙ୍ଗୀର, ଟିଟିଲାଗଡ଼ ଓ ସଇଁତଲା ଭଳି ୧୩ ବ୍ଲକ, ଦେବଗଡ଼ର ରିଆମାଳ ବ୍ଲକ, ଢେଙ୍କାନାଳର ଓଡ଼ପଡ଼ା, ଗନ୍ଦିଆଁ, ହିନ୍ଦୋଳ, ପରଜଙ୍ଗ ବ୍ଲକ, ଝାରସୁଗୁଡ଼ାର ଲଖନପୁର, ଝାରସୁଗୁଡ଼ା, କୋଲାବିରା, ଲଇକେରା, କିରମିରା ବ୍ଲକ, କଳାହାଣ୍ଡିର ଏମ. ରାମପୁର, ଲାଞ୍ଜିଗଡ଼, ନର୍ଲା, କଳାହାଣ୍ଡି, କେସିଙ୍ଗା, କର୍ଲାମୁଣ୍ଡା, ଜୟପାଟଣା, କଲମପୁର, ଗୋଲାମୁଣ୍ଡା, ଧର୍ମଗଡ଼, ଜୁନାଗଡ଼, କୋକସରା ବ୍ଲକ, ନବରଙ୍ଗପୁରର ଚନ୍ଦାହାଣ୍ଡି ବ୍ଲକ, ନୂଆପଡ଼ାର ନୂଆପଡ଼ା, କୋମନା, ଖରିଆର ଓ ସିନାପାଲି ବ୍ଲକ, ସମ୍ବଲପୁରର ରେଙ୍ଗାଲି, ଧନକଉଡ଼ା, ରେଢ଼ାଖୋଲ, ଜମନକିରା ଓ କୁଚିଣ୍ଡା ବ୍ଲକ ଓ ସୁନ୍ଦରଗଡ଼ର ହେମଗିରି, ଲେଫ୍ରିପଡ଼ା, ଟାଙ୍ଗରପାଲି, ସୁନ୍ଦରଗଡ଼, ସବଡେଗା, ବାଲିଶାଙ୍କର, ବଡ଼ଗାଁ ଓ କୁଟରା ବ୍ଲକରେ ମରୁଡ଼ି ପରିସ୍ଥିତି ଉପୁଜିଥିବା ସରକାରୀ ସୂତ୍ରରୁ ଜଣାପଡିଛି । ସେହିପରି ସ୍ୱଳ୍ପ ବର୍ଷା ଓ ଆଦୌ ବର୍ଷା ନ ହେବା କାରଣରୁ ପଶ୍ଚିମ ଓଡ଼ିଶାର ୮ଟି ଜିଲ୍ଲାର ୪୮,୨୪୩,୬୮ ହେକ୍ଟର ଚାଷ ଜମି ପଡିଆ ପଡିଛି । ୨୦୨୧-୨୨ ଖରିଫ ଋତୁରେ ଏସବୁ ଜମିରେ ଚାଷ କାମ ହୋଇପାରି ନାହିଁ । ବର୍ଷା ଅଭାବରୁ ଝାରସୁଗୁଡ଼ାରେ ୨୧୯୩ ହେକ୍ଟର, ବଲାଙ୍ଗୀରରେ ୧୩,୪୧୮ ହେକ୍ଟର, ବୌଦ୍ଧରେ ୮୭୦୫ ହେକ୍ଟର, ସମ୍ବଲପୁରରେ ୪୯୯୭.୯୨ ହେକ୍ଟର, ଦେବଗଡ଼ରେ ୧୫୧ ହେକ୍ଟର, କଳାହାଣ୍ଡିରେ ୨୯୯୬ ହେକ୍ଟର, ସୁନ୍ଦରଗଡ଼ରେ ୧୧,୬୫୧ ହେକ୍ଟର ଓ ବରଗଡ଼ରେ ୪୧୩୧.୭୬ ହେକ୍ଟର ଜମିରେ ଚାଷ କାମ ହୋଇପାରି ନାହିଁ ।



# ଓଡ଼ିଶାରେ ଚାଷୀଙ୍କ ମାସିକ ଆୟ ଦେଶରେ ଦ୍ୱିତୀୟ ସର୍ବନିମ୍ନ

ନୂଆଦିଲ୍ଲୀ : ଓଡ଼ିଶାର ଚାଷୀମାନଙ୍କ ହାରାହାରି ମାସିକ ଆୟ ଝାଡ଼ଖଣ୍ଡ ପରେ ଦେଶରେ ଦ୍ୱିତୀୟ ସର୍ବନିମ୍ନ । ଝାଡ଼ଖଣ୍ଡ ଚାଷୀଙ୍କ ମାସିକ ଆୟ ୪,୮୯୫ ଟଙ୍କା ହୋଇଥିବା ବେଳେ ଓଡ଼ିଶାର କୃଷକମାନେ ମାସକୁ ୫,୧୧୨ ଟଙ୍କା ଆୟ କରିଥାଆନ୍ତି । ଲୋକ ସଭାରେ କୋରାପୁଟ ଏମ.ପି ସପ୍ତଗିରି ଉଲ୍ଲାକାଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଏହି ସୂଚନା ଦେଇଛନ୍ତି । କୃଷିମନ୍ତ୍ରୀ ତୋମାର କହିଥିଲେ, ଜାତୀୟ ସ୍ତରରେ କୃଷକଙ୍କ ମାସିକ ହାରାହାରି ଆୟ ୧୦,୨୧୮ ଟଙ୍କା ହୋଇଥିବା ବେଳେ ଓଡ଼ିଶା କଥା ଦେଖିଲେ ଏହି ପରିମାଣ ଏହାର ପ୍ରାୟ ଅଧା ରହିଛି । ଅନ୍ୟପକ୍ଷେ ମେଘାଳୟ ଚାଷୀଙ୍କ ମାସିକ ହାରାହାରି ଆୟ ସର୍ବାଧିକ ୨୯,୩୪୮ ରହିଛି । ଏହି କ୍ଷେତ୍ରରେ ମେଘାଳୟ ପଛକୁ ପଞ୍ଜାବ ରହିଛି । ପଞ୍ଜାବ ଚାଷୀଙ୍କ ମାସିକ ଆୟ ୨୬,୭୦୧, ହରିୟାଣା ୨୨,୮୪୧, ଜମ୍ମୁ ଓ କଶ୍ମୀର ୧୮,୯୧୮ ଏବଂ କେରଳ ଚାଷୀଙ୍କ ଆୟ ହେଉଛି ୧୭,୯୧୫ ଟଙ୍କା । ଜାତୀୟ ନମୁନା ସର୍ବେକ୍ଷଣ ରିପୋର୍ଟ ନମ୍ବର ୫୮୭ ଅନୁସାରେ ତୋମାର ଉପରୋକ୍ତ ତଥ୍ୟ ଗୃହରେ ରଖିଥିଲେ । ତୋମାର କହିଥିଲେ, ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ୨୦୧୯ ଜାନୁୟାରୀରୁ ଡିସେମ୍ବର ମଧରେ ଗ୍ରାମାଞ୍ଚଳରେ ଘର ପିଛା କୃଷି ଓ ପ୍ରାଣୀ ସମ୍ପଦ ଉପରେ ସମୀକ୍ଷା ସମ୍ପର୍କିତ ୭୭ ତମ ପର୍ଯ୍ୟାୟ ସର୍ବେକ୍ଷଣ କରାଯାଇଥିଲା । ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ଓ୍ୱାରି କୃଷକ ପରିବାର ପିଛା କୃଷକ ମାସିକ ହାରାହାରି ଆୟ ଓ ଖର୍ଚ୍ଚକୁ ଏଥିରେ ହିସାବ କରାଯାଇଥିଲା । ଉକ୍ତ ହିସାବ ଅନୁସାରେ ଓଡ଼ିଶାର ଚାଷୀ ମାସକୁ ଚାଷ ପାଇଁ ୧୫୮୭ ଓ ଗୃହପାଳିତ ପଶୁ ପାଳନ ଲାଗି ୩୯୨ ଟଙ୍କା ଖର୍ଚ୍ଚ କରିଥାଆନ୍ତି ବୋଲି ତୋମାର ପାର୍ଲାମେଣ୍ଟକୁ ଅବଗତ କରାଇଛନ୍ତି ।

# ଲୋକଙ୍କ ସେବା ପାଇଁ ଟ୍ରଷ୍ଟକୁ ପେନ୍‌ସନ ଦାନ କଲେ ରାସେଶ୍ୱରୀ ପାଣିଗ୍ରାହୀ

ସମ୍ବଲପୁର : ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ତାଙ୍କର ବିଧାୟକ ପେନସନକୁ ଦାନ କରି ଲୋକଙ୍କ ହିତ ପାଇଁ ଏକ ଟ୍ରଷ୍ଟକୁ ଦାନ କରିଛନ୍ତି । ଏ ପର୍ଯ୍ୟନ୍ତ ପେନସନ ବାବଦରେ ତାଙ୍କୁ ମିଳିଥିବା ପ୍ରାୟ ୧୦ଲକ୍ଷ ଟଙ୍କା ପ୍ରାରମ୍ଭିକ ଭାବେ ଟ୍ରଷ୍ଟକୁ ଦାନ କରିବା ସଙ୍ଗେ ଭବିଷ୍ୟତରେ ଏଥିପାଇଁ ସେ ଆହୁରି ମଧ ଦାନ କରିବେ ବୋଲି ଘୋଷଣା କରିଛନ୍ତି । 'ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ଓ୍ୱେଲଫେୟାର ଟ୍ରଷ୍ଟ' ନାମରେ ନାମିତ ଏହି ଟ୍ରଷ୍ଟ ସମ୍ବଲପୁର ଜିଲ୍ଲାର ଆର୍ଥିକ ଦୁର୍ବଳ ବର୍ଗର ଲୋକମାନଙ୍କୁ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସାହାଯ୍ୟ କରିବ ।

ବିଶିଷ୍ଟ ଶିକ୍ଷାବିତ ପ୍ରଫେସର ଶଙ୍କର ପ୍ରସାଦ ପତି ଟ୍ରଷ୍ଟର ସଭାପତି ରହିଥିବା ବେଳେ ବରିଷ୍ଠ ସାମ୍ବାଦିକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ସଂପାଦକ ରହିଛନ୍ତି । ସେହିପରି କୋଷାଧ୍ୟକ୍ଷ ଭାବେ ସ୍ୱରୂପ କୁମାର ପାଣିଗ୍ରାହୀ ରହିଥିବା ବେଳେ ସଦସ୍ୟ ଭାବେ ବିଇଡି କଲେଜର ପୂର୍ବତନ ଅଧ୍ୟକ୍ଷା ଡକ୍ଟର ନିରୁପମା ବଡପଣ୍ଡା, ଡାକ୍ତର ବିକାଶ ରଞ୍ଜନ ହୋତା, ସୁଧୀର ପୂଜାରୀ, ବିପିନ ବିହାରୀ ପଣ୍ଡା, ଶିବଶଙ୍କର ନନ୍ଦ ଏବଂ ସୁବ୍ରତ ପଣ୍ଡା ରହିଛନ୍ତି ।

ଏକ ସାମ୍ବାଦିକ ସମ୍ମିଳନୀରେ ଡାକ୍ତର ପାଣିଗ୍ରାହୀ କହିଥିଲେ ଯେ, ସେ ଲୋକଙ୍କ ସମର୍ଥନରେ ଡାକ୍ତରୀ ପେଶାରୁ ଆସି ବିଧାୟକ ହୋଇ ୫ ବର୍ଷ ଲୋକଙ୍କ ସେବା କରିବାର ସୁଯୋଗ ପାଇଥିଲେ । ଏବେ ପୂର୍ବତନ ବିଧାୟକ ଭାବେ ମିଳୁଥିବା ପେନ୍‌ସନରେ ତାଙ୍କର ଅଧିକାର ନାହିଁ । ଏହି ଅର୍ଥରେ ବି ଲୋକଙ୍କ ଅଧିକାର ରହିଛି । ତାଙ୍କୁ ମିଳୁଥିବା ୩୨ ହଜାର ଟଙ୍କାର ବିଧାୟିକା ପେନସନ ଆଜି ପର୍ଯ୍ୟନ୍ତ ଜମା ହୋଇ ରହିଛି । ବର୍ତ୍ତମାନ ସୁଦ୍ଧା ଏହା ପ୍ରାୟ ୧୦ ଲକ୍ଷ ଟଙ୍କା ହୋଇସାରିଛି । ଆଉ ଟ୍ରଷ୍ଟ ନାମରେ ଖୋଲା ହେବାକୁ ଥିବା ସ୍ୱତନ୍ତ୍ର ଆକାଉଣ୍ଟରେ ଏହି ସବୁ ଟଙ୍କା ଜମା ହେବା ସହ ବଳିଥିବା ଯାଏ ପ୍ରତି ମାସର ପେନସନ ଅର୍ଥ ମଧ୍ୟ ଏହି ଆକାଉଣ୍ଟରେ ଜମା ହେବ ବୋଲି ସେ ଘୋଷଣା କରିଥିଲେ । ସେ କହିଥିଲେ ଯେ, ଏହି ଟ୍ରଷ୍ଟ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗରିବ ଲୋକଙ୍କ ସହାୟତା ପାଇଁ କାମ କରିବ ବୋଲି ସ୍ଥିର ହୋଇଛି । ବିଶେଷ କରି ଯୁକ୍ତଦୁଇ ଶିକ୍ଷା ପରେ ଅର୍ଥାଭାବରୁ ପାଠପଢା ବନ୍ଦ କରୁଥିବା ଗରିବ ଛାତ୍ରଛାତ୍ରୀଙ୍କୁ ସହାୟତା ଦିଆଯିବ । ସେହିପରି ଛୋଟ ଛୋଟ ରୋଗରେ ପୀଡିତ ଲୋକେ ଅର୍ଥାଭାବ ଯୋଗୁଁ ଚିକିତ୍ସାରୁ ବଞ୍ଚିତ ହେଲେ ସେମାନଙ୍କୁ ମଧ୍ୟ ସହାୟତା ଦିଆଯିବ । ଏହାଛଡା ଆଗାମୀ ଦିନରେ ଏହା ସମସ୍ତ ଇଚ୍ଛୁକ ବଦାନ୍ୟ ବ୍ୟକ୍ତିଙ୍କ ମଧ୍ୟ ସହାୟତା ନିଆଯାଇ ଟ୍ରଷ୍ଟର କଳେବରକୁ ବୃଦ୍ଧି କରାଯିବ ବୋଲି ସେ ସୂଚନା ଦେଇଥିଲେ ।



ଟ୍ରଷ୍ଟର ଅଧକ୍ଷ ପ୍ରଫେସର ପତି କହିଥିଲେ ଯେ, ଖୁବ୍ ଶୀଘ୍ର ଏହି ଟ୍ରଷ୍ଟର ଏକ ଓ୍ୱେବସାଇଟ୍ ଖୋଲାଯାଇ ସମସ୍ତ ସଦସ୍ୟଙ୍କ ନମ୍ବର ରଖାଯିବ । ଆର୍ଥିକ ସହାୟତା ଦେବା ପାଇଁ ଆଗ୍ରହୀ ଥିବା ଲୋକମାନେ ଟ୍ରଷ୍ଟକୁ ଦାନ କରି ପାରିବେ । ଏହାଛଡ଼ା ଓ୍ୱେବସାଇଟ୍ ଜରିଆରେ ଆର୍ଥିକ ସହାୟତା ପାଇଁ ମଧ ଆବେଦନ କରି ପାରିବେ । ପ୍ରତ୍ୟେକ ବର୍ଷ ଏହାର ଏକାଉଣ୍ଟସ୍ ୨ଜଣ ଅଡିଟରଙ୍କ ଦ୍ୱାରା ଅଡିଟ୍ କରାଯିବ । ଶିକ୍ଷା ତଥା ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ସଚେତନ କାର୍ଯ୍ୟକ୍ରମ ମଧ ଟ୍ରଷ୍ଟ ପକ୍ଷରୁ ଆୟୋଜନ କରାଯିବ ବୋଲି ପ୍ରଫେସର ପତି କହିଥିଲେ ।

## ଏ ସଂଖ୍ୟାରେ..



ଉପକାରୀ ଉଷୁମ ପାଣି



ପାଚନ ତନ୍ତ୍ରକୁ ସୁସ୍ଥ ରଖେ ଗୁଜୁରାତି



ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଗଜାମୁଗ



ଭିଟାମିନ୍‌ରେ ଭରପୁର ବନ୍ଧାକୋବି



ରାଜମାର ଉପକାରିତା

# ବିଧାନସଭା ଗୃହ କମିଟିର ଖଣି ବିସ୍ଥାପିତଙ୍କ ସହ ଆଲୋଚନା ଓ ସମୀକ୍ଷା

ଝାରସୁଗୁଡ଼ା : ବିଧାନସଭା ଉପବାଚସ୍ପତି ରଜନୀକାନ୍ତ ସିଂହଙ୍କ ଅଧକ୍ଷତାରେ ଗଠିତ ଗୃହ କମିଟି ଆଜି ଝାରସୁଗୁଡ଼ା ଗସ୍ତରେ ଆସି ମହାନଦୀ କୋଇଲା ଖଣି ଅଧୀନ ଇବ୍ ଭେଲି ଓ ଲଖନପୁର କ୍ଷେତ୍ର ପକ୍ଷରୁ କରାଯାଇଥିବା ଅନେକ ଅଧିଗୃହୀତ ଗ୍ରାମ ଓ ଥଇଥାନ କଲୋନି ପରିଦର୍ଶନ କରିଛନ୍ତି । ଅଧିଗୃହୀତ ଗ୍ରାମ ମଧରୁ ଖଏରକୁନି, ଟିଙ୍ଗିସମାଲ, ଦର୍ଲିପାଲି ଓ ଉବୁଡ଼ା ଗ୍ରାମ ସହିତ ମିର୍ଦ୍ଧାଡେରା ଓ ଖଡ଼ାମ-୨ ଥଇଥାନ କଲୋନିକୁ ଯାଇ ସ୍ଥିତି ଅବସ୍ଥିତି, ସୁବିଧା ଅସୁବିଧା ଦେଖିବା ସହିତ ଲୋକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି । ଅଧିଗୃହୀତ ଗ୍ରାମବାସୀଙ୍କ ମୁଖ୍ୟ ଦାବି ମଧରୁ ଖଣି ପକ୍ଷରୁ ପର୍ଯ୍ୟାୟକ୍ରମେ ଗ୍ରାମର ଜମି ଗୁଡ଼ିକୁ ଅଧିଗ୍ରହଣ କରାଯାଉଛି । ୮୦ ଦଶକରୁ ଆରମ୍ଭ କରି ୨୦୧୭ ମସିହା ପର୍ଯ୍ୟନ୍ତ ଜମି ଅଧିଗ୍ରହଣ କରାଯାଇଛି । ୬।୪।୧୯୫ କଟ୍ଅପ୍ ଡେଟ୍ ମୁତାବକ ଅଦ୍ୟାବଧି ଅନେକ ଲୋକଙ୍କୁ ଚାକିରି ମିଳିନାହିଁ କି ଥଇଥାନ କରାଯାଇ ନାହିଁ । ପୁନର୍ବାସ କଲୋନିର ସମସ୍ୟା ଏବଂ ବିସ୍ଥାପିତ ପରିବାରକୁ ଦୁଇ ବର୍ଷ ତଳେ ଦିଆଯାଇଥିବା ଘରଡିହ ଜମି ଚିହ୍ନଟ କରି ହସ୍ତାନ୍ତର କରାଯାଇ ନାହିଁ । ନିଯୁକ୍ତି କ୍ଷେତ୍ରରେ ମଧ ଅନେକ ସମସ୍ୟା ରହିଥିବା ଲୋକେ ଅଭିଯୋଗ କରିଛନ୍ତି ।

ଗାଁ ଗାଁକୁ ଯାଇ ଲୋକଙ୍କ ଠାରୁ ଦାବି ଓ ଅଭିଯୋଗ ଶୁଣିବା ପରେ ଓପିଜିସିର ରିସୋର୍ସ ସେଣ୍ଟର୍‌ରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଉପବାଚସ୍ପତି ଶ୍ରୀ ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକକୁ ଜିଲ୍ଲାପାଳ ସରୋଜ କୁମାର ସାମଲ ପରିଚାଳନା କରିଥିଲେ । ବିସ୍ଥାପିତ କଲୋନିରେ ଖଣି ପକ୍ଷରୁ ସମସ୍ତ ପ୍ରକାରର ମୌଳିକ ସୁବିଧା ଉପଲବ୍ଧ ରହିବା ଆବଶ୍ୟକ । ବାରମ୍ବାର ସରକାରୀ ଅଧିକାରୀ ପରିଦର୍ଶନରେ ଆସି ତାଗିଦ୍ କରିବା ପରେ ମଧ ସମସ୍ୟା ସମାଧାନ ହୋଇନଥିବାରୁ ଜିଲ୍ଲାପାଳ ଉପସ୍ଥିତ ଖଣି ଅଧିକାରୀଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଅଧକ୍ଷ ଶ୍ରୀ ସିଂହ ବିସ୍ଥାପନ ଓ ଥଇଥାନ ଦିଗରେ ଅସନ୍ତୋଷ ବ୍ୟକ୍ତ କରି ଅଧିଗୃହୀତ ଗ୍ରାମର ସମସ୍ତ ପରିବାରକୁ ସରକାରଙ୍କ ବିସ୍ଥାପିତ ନିୟମ ୨୦୦୬ ମୁତାବକ ହକ୍ ପ୍ରଦାନ, କଟ୍ଅପ ଡେଟ୍ ଜିଲ୍ଲାପାଳ ଜାରି କରିବେ, ନୀତି ନିୟମକୁ ଆଧାର କରି ସମସ୍ତ ବିସ୍ଥାପିତ ପରିବାରଙ୍କୁ ମୌଳିକ ସୁବିଧା ସୁଯୋଗ, ହୀରାକୁଦ ବିସ୍ଥାପିତ ପରିବାର ଯେଉଁମାନେ ଦ୍ୱିତୀୟ ଥର ବିସ୍ଥାପିତ ହେଉଛନ୍ତି ସେମାନଙ୍କ ପ୍ରତି ଅନ୍ୟାୟ ବରଦାସ୍ତ କରାଯିବ ନାହିଁ ବୋଲି ଗୁରୁତ୍ୱାରୋପ କରିଥିଲେ ।



ବୈଠକରେ ଗୃହ କମିଟି ଅଧକ୍ଷ ଶ୍ରୀ ସିଂହଙ୍କ ସମେତ ବ୍ରଜରାଜନଗର ବିଧାୟକ କିଶୋର କୁମାର ମହାନ୍ତି, ଓଡ଼ିଶା ସରକାରଙ୍କ ଯୁଗ୍ମ ସଚିବ ଦେବଜାନୀ ଧଳ, ସ୍ୱତନ୍ତ୍ର ସଚିବ ଏନାର୍ଜି ଧନଞ୍ଜୟ ସ୍ୱାଇଁ, ଆର୍‌ଡିସି ସଚିବ ଭିପିକେ ଏକ୍କା, ଲେଣ୍ଡ ଅଫିସର୍ ଇଡ୍‌କୋ ଏମ. ପାତ୍ର, ସବ୍‌କଲେକ୍ଟର୍ ଶିବ ଟପ୍ପୋ, ଡେପୁଟି କଲେକ୍ଟର ଆଲୋମଣି ସେଠୀ, ଲଖନପୁର ତହସିଲଦାର ବିଶ୍ୱକେଶନ ପାଣ୍ଡେ, ଏମ୍‌ସିଏଲ୍ ପକ୍ଷରୁ କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ବିତ୍ତ ନିର୍ଦ୍ଦେଶକ କେ.ଆର୍ ବାସୁଦେବନ୍, ବୈଷୟିକ ନିର୍ଦ୍ଦେଶକ ଓ.ପି ସିଂ, ଲଖନପୁର ଜିଏମ୍ ଅନୀଲ କୁମାର ସିଂହ, ଇବ ଭେଲି ଜିଏମ୍ ଅନ୍‌ୱର୍ ହୁସେନ, ଓରିଏଣ୍ଟ ଜିଏମ୍ ମହମୁଦ ମିମ୍ୟାଁ, ଜିଏମ୍ ଏଲ୍‌ଆଣ୍ଡଆର୍ ଅନୁପମ ଶ୍ରୀବାସ୍ତବ, ଜିଏମ୍ ପର୍ସନାଲ୍ ଏସ.କେ ଷଡ଼ଙ୍ଗୀ, ଏଡିସିନାଲ ଏସ୍‌ପି କେଶବଚନ୍ଦ୍ର ବେହେରା, ବ୍ରଜରାଜନଗର ଏସ୍‌ଡିପିଓ ଦିଲୀପ ଦାସ, ବନହରପାଲି ଥାନାଧିକାରୀ ରଶ୍ମିତା ବେହେରା ପ୍ରମୁଖଙ୍କ ସମେତ ଅଧିଗୃହୀତ ଗ୍ରାମ ଗୁଡ଼ିକର ପ୍ରତିନିଧି ଉପସ୍ଥିତ ଥିଲେ ।

# ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ବୌଦ୍ଧିକ ସ୍ୱତନ୍ତ୍ର ବିଦ୍ୟାଳୟ ପକ୍ଷରୁ ଭିନ୍ନକ୍ଷମ ଦିବସ

ସମ୍ବଲପୁର : ମିଳିତ ଜାତିସଂଘର ସର୍ବେକ୍ଷଣ ଅନୁସାରେ ସମାଜରେ ୨୧ ପ୍ରକାରର ଭିନ୍ନକ୍ଷମ ରହିଛନ୍ତି । ବିଶ୍ୱ ଜନସଂଖ୍ୟାର ୧୫ ପ୍ରତିଶତ ବ୍ୟକ୍ତି ବିଭିନ୍ନ ପ୍ରକାରର ଅକ୍ଷମତାର ଶିକାର ହୋଇଛନ୍ତି । ତନ୍ମଧ୍ୟରୁ ୮୦ ପ୍ରତିଶତ ବିକାଶଶୀଳ ରାଷ୍ଟ୍ରମାନଙ୍କରେ ବସବାସ କରନ୍ତି । ଆବଶ୍ୟକୀୟ ସୁବିଧା ସୁଯୋଗ ମିଳିଲେ ସେମାନେ ଆତ୍ମନିର୍ଭର ହେବା ସଙ୍ଗେ ସଙ୍ଗେ ନିଜ ମାତାପିତା ଏବଂ ପରିବାରକୁ ସହଯୋଗ କରିପାରିବେ ବୋଲି ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ବୌଦ୍ଧିକ ସ୍ୱତନ୍ତ୍ର ବିଦ୍ୟାଳୟ ପକ୍ଷରୁ ବିଶ୍ୱ ଭିନ୍ନକ୍ଷମ ଦିବସ ଏବଂ ଅନୁଷ୍ଠାନର ୨୯ ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି । ଏହି ଅବସରରେ ଶିକ୍ଷାନୁଷ୍ଠାନ ପରିସରରେ ଅଧକ୍ଷ ବ୍ରଜ ବନ୍ଧୁ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ରେଡକ୍ରସର ସମ୍ପାଦକ ଶ୍ରୀଯୁକ୍ତ ଜୟ ଜର୍ଜ ମୁଖ୍ୟ ଅତିଥି, ସମ୍ବଲପୁର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ନାୟକ, ଅବସରପ୍ରାପ୍ତ ଅଧକ୍ଷ ଡକ୍ଟର ଗିରିଜା ଶଙ୍କର ଶର୍ମା, ଜ୍ୟୋତି ଅନୁଷ୍ଠାନର ସଭାପତି ଡଃ. ପରେଶ ଚନ୍ଦ୍ର ଦାନୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଅତିଥି ମାନଙ୍କ ଦ୍ୱାରା ୨୯ଟି ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମର ଉଦଘାଟନ କରାଯାଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀମାନେ କେକ୍ କାଟି ଅନୁଷ୍ଠାନର ପ୍ରତିଷ୍ଠା ଦିବସ ପାଳନ କରିଥିଲେ । ୨୯ ବର୍ଷ ପୂର୍ବେ ଶିକ୍ଷାନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ମାନଙ୍କୁ ସ୍ମରଣ କରାଯାଇ ସମ୍ମାନ ପ୍ରଦର୍ଶନ କରାଯାଇଥିଲା । ଶିକ୍ଷାନୁଷ୍ଠାନର ପରିଚାଳନା ସମିତିର ସଭ୍ୟ କାର୍ତ୍ତିକ ପ୍ରସାଦ ବହିଦାର, ସର୍ଦାର ରଣଜିତ ସିଂହ, ଗୌରୀଶଙ୍କର ମିଶ୍ର, ହାଡ଼ିବନ୍ଧୁ ନାୟକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀମାନଙ୍କ ସହ ସେମାନଙ୍କ ଅଭିଭାବକ ମାନେ ଯୋଗଦାନ କରିଥିଲେ । ଭିନ୍ନକ୍ଷମ ମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ସକାଶେ ସମସ୍ତ ସହୃଦୟ ଭଦ୍ର ବ୍ୟକ୍ତି, ଭଦ୍ର ମହିଳା ଏବଂ ସାମାଜିକ ଅନୁଷ୍ଠାନ ମାନେ ଆଗେଇ ଆସନ୍ତୁ ବୋଲି ଅଧକ୍ଷ ବ୍ରଜବନ୍ଧୁ ସାହୁ ଆହ୍ୱାନ ଦେଇଥିଲେ । ଶେଷରେ ସମାଜସେବୀ କାର୍ତ୍ତିକ ପ୍ରସାଦ ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାସ୍ତରୀୟ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ

ସମ୍ବଲପୁର : ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଛି । ଭିନ୍ନକ୍ଷମଙ୍କୁ ଏହି ଅବସରରେ ବିଭିନ୍ନ ସାମଗ୍ରୀ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଉମାକାନ୍ତ ରାଜ ଯୋଗ ଦେଇ ବିଭିନ୍ନ ସାମଗ୍ରୀ ପ୍ରଦାନ କରିଥିଲେ । ବିଭାଗ ପକ୍ଷରୁ ୨୦ଟି ଅର୍ଥୋସିସ୍, ୨ଟି ଟ୍ରାଇ ସାଇକେଲ, ୩ଟି ହ୍ୱିଲ୍ ଚେୟାର୍, ୪ଟି ପିସିଏ, ୨ଟି ଏଲ୍‌ବୋ କର୍ଟେଜ୍, ୨ଟି ମୋବିଲିଟି କେନ୍, ୧୦ ଜଣଙ୍କୁ ସିପି ଚେୟାର୍ ପ୍ରଦାନ କରାଯାଇଥିଲା । ସେହିପରି ଆତ୍ମନିର୍ଭର ହେବା ପାଇଁ ଲକ୍ଷ୍ମୀଡୁଙ୍ଗୁରୀ ସ୍ଥିତ ଏସ୍ଏଚ୍‌ଜିକୁ ୨୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ଏହି ଅବସରରେ ଅନ୍ୟମାନଙ୍କ ମଧରେ ସହକାରୀ ଜିଲ୍ଲାପାଳ ବ୍ରଜ ସାହୁ, ଡିଏସ୍ଏସ୍ଓ ସନ୍ତୋଷ ନାୟକ, ଡିଡିଆର୍‌ଓ ରବୀନ୍ଦ୍ର ଶତପଥିଙ୍କ ସହ ଆର୍‌ସିଡିଆର୍‌ର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।



## କ୍ଷେତରାଜପୁରରେ ୨୩ ତାରିଖରୁ ଶ୍ରୀରାମ କଥା

ସମ୍ବଲପୁର : ଚଳିତ ମାସ ୨୩ ରୁ ୨୯ ତାରିଖ ପର୍ଯ୍ୟନ୍ତ କ୍ଷେତରାଜପୁରର ଗୁରୁଦ୍ୱାରା ଗଳିରେ ଶ୍ରୀରାମ କଥା ଅନୁଷ୍ଠିତ ହେବ । ରିଶିକେଶର ବ୍ରହ୍ମଚାରି ଶ୍ରୀ ଆନନ୍ଦଜୀ ମହାରାଜ ଏଥିରେ ପ୍ରବଚନ ଦେବେ । ପ୍ରତ୍ୟହ ଅପରାହ୍ନ ସାଢ଼େ ୩ ରୁ ସନ୍ଧ୍ୟା ୬.୩୦ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିରେ ଭକ୍ତବୃନ୍ଦ ଯୋଗ ଦେଇ ଶ୍ରୀରାମକଥା ମୃତ ପାନ କରିବାକୁ ପବନ ଧମାବାଲା ଅନୁରୋଧ କରିଛନ୍ତି ।

## ମାତା ମଠରେ ଭାଗବତ ସପ୍ତାହ ୮ରୁ

ସମ୍ବଲପୁର : ସ୍ଥାନୀୟ ମହାନ୍ତିପଡ଼ା ସ୍ଥିତ ନିତାଇଗୌର ମଠ (ମାତାମଠ) ରେ ଚଳିତ ମାସ ୮ ତାରିଖରୁ ଭାଗବତ ସପ୍ତାହ ଅନୁଷ୍ଠିତ ହେବ । ଏଥିରେ ବୃନ୍ଦାବନର ମହନ୍ତ ମହାମଣ୍ଡଳେଶ୍ୱର ସଚ୍ଚିଦାନନ୍ଦ ଶାସ୍ତ୍ରୀ ଭାଗବତ ଉପରେ ପ୍ରବଚନ ଦେବେ । ମଠର ତତ୍ତ୍ୱାବଧାରିକା ସୁଶ୍ରୀ ପ୍ରମିଳା ବହିଦାରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ ।

# ଭାଗବତ

## ଜରାସନ୍ଧ ପ୍ରସଙ୍ଗ ଓ ଦ୍ୱାରିକାପୁରୀ ନିର୍ମାଣ

ଜନ୍ମ ମୃତ୍ୟୁର କଥା ହେଉଛି ଜରାସନ୍ଧ । ଆଜିଠାରୁ ଆମେ ସଂକଳ୍ପ କରିବା ଉଚିତ ଯେ ଆମେ ଆଉ ପୁରୁଷ କି ସ୍ତ୍ରୀ ହେବାନାହିଁ । ଆମର ଆଉ ପୁନର୍ଜନ୍ମ ହେବନାହିଁ । ଜରାସନ୍ଧ ଜନ୍ମ, ଜରା ମୃତ୍ୟୁର ତ୍ରାସରୁ ରକ୍ଷା ପାଇବାକୁ ହେଲେ ପ୍ରତ୍ୟେକ ଦିନ ଏକୋଇଶ ହଜାର ଜପ ନିୟମିତ କରୁଥିବା ଉଚିତ । ଜପ ବିନା ପାପ ଆଉ ବାସନା ନଷ୍ଟ ହୁଏ ନାହିଁ ।

କଥା ଶ୍ରବଣ ପାପକୁ କାଟି ମାର୍ଗ ଦର୍ଶନ ଦିଏ । କଥା ଶୁଣି ଭଗବାନଙ୍କୁ ଜପ କରିବା ପାଇଁ, ଭକ୍ତି କରିବା ପାଇଁ, ସତକର୍ମ କରିବା ପାଇଁ ସଂକଳ୍ପ କରିବା ଉଚିତ । କଥା ଶ୍ରବଣ କରିବା ଦ୍ୱାରା ଭଗବାନଙ୍କ ସହିତ ସମ୍ପର୍କ ସ୍ଥାପିତ ହୋଇଯିବା ପରେ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ, ଧାନ ଜପ ତଥା ସେବା ସ୍ମରଣ ବ୍ରତ ଗ୍ରହଣ କରିବା ଉଚିତ ।

ଗୋଟିଏ ବଣିଆ କଥା ଶ୍ରବଣ କରିବାକୁ ଯାଇଥିଲା । କଥାକାର ମହାରାଜ ତାକୁ କହିଲେ ତୁମେ କଥା ଶୁଣିବାକୁ ଆଗ୍ରହ କରୁଛ, ସବୁଦିନ, ଆସୁଛ, ଏବେ କିଛି ଶୁଭ ସଂକଳ୍ପ କର । ଅନ୍ତତଃ ସତ୍ୟ କହିବା ପାଇଁ ସଂକଳ୍ପ କର । ଏହା ଶୁଣି ବଣିଆ କହିଲା, ଆମେ ଆଜ୍ଞା ବେପାରୀ ଲୋକ । ସତ୍ୟ କହିଲେ ବ୍ୟବସାୟ ଆଉ କରିପାରିବୁ ନାହିଁ । ଜୀବିକା ନିର୍ବାହ ଦୁର୍ବହ ହୋଇଯିବ । ଏହା ଶୁଣି ମହାରାଜ କହିଲେ ତେବେ କେବେ ବି କାହାକୁ ବି ନିନ୍ଦା କରିବ ନାହିଁ- ଏପରି ସଂକଳ୍ପ କର । ବଣିଆ କହିଲା, ମହାରାଜ । ରାତିରେ ଘଣ୍ଟେ ଦୁଇଘଣ୍ଟା ଏଣୁ ତେଣୁ କଥାବାର୍ତ୍ତା ନ କଲେ ଆମକୁ ନିଦ ହୁଏ ନାହିଁ । ସେତେବେଳେ ଅନେକ ପ୍ରସଙ୍ଗହୀନ



କଥା ବି ପାଟିରୁ ବାହାରି ଆସେ । ତେଣୁ ଆମେ ଏପରି ବ୍ରତ ନେଇପାରିବୁ ନାହିଁ । ତେବେ ବି ଆଜ୍ଞା ମୁଁ ଗୋଟିଏ ସଂକଳ୍ପ କରୁଛି ପ୍ରତ୍ୟହ ପ୍ରତ୍ୟୁଷରେ ଆମ ଘର ସାମନାରେ ରହୁଥିବା କୁମ୍ଭାରର ମୁଖଦର୍ଶନ କରିବି । ବର୍ତ୍ତମାନ ଏହି ବଣିଆର ସଂକଳ୍ପ ଦେଖନ୍ତୁ । ସେ ପ୍ରତିଦିନ ସକାଳୁ ଉଠିବା ମାତ୍ରେ କୁମ୍ଭାରର ମୁହଁ ଦେଖିବାରେ ଲାଗିଲା । ଦିନେ ସେହି କୁମ୍ଭାର ଅତି ଭୋରରୁ ଉଠି ମାଟି ଆଣିବା ପାଇଁ ଟିକିଏ ଦୂରରେ ଥିବା ସ୍ଥାନକୁ ଚାଲିଯାଇଥିଲା । ଫଳରେ ବଣିଆ ସକାଳୁ ଉଠି କୁମ୍ଭାରର ମୁହଁ ଦେଖି ପାରିଲା ନାହିଁ । ତେଣୁ ସେ ବି ଘରୁ ବାହାରି ପଡ଼ିଲା କୁମ୍ଭାରକୁ ଖୋଜିବା ପାଇଁ ।

ଏବେ ଦେଖନ୍ତୁ ଭାଗ୍ୟ କିପରି ଫଳ ଦେଇଥାଏ । ସେହି କୁମ୍ଭାର ମାଟି ଖୋଳୁ ଖୋଳୁ ସୁନାମୁଦ୍ରା ଭର୍ତ୍ତି ହୋଇଥିବା ଏକ ମାଠିଆ ପାଇଲା । ସେ ଗର୍ତ୍ତ ଭିତରୁ ମାଠିଆଟି ବାହାର କରୁଥିବା ସମୟରେ ବଣିଆ ସେଠାରେ ପହଞ୍ଚିଗଲା । ବଣିଆ କୁମ୍ଭାରର ମୁହଁକୁ ଦେଖି ସାରିବା ପରେ ଅସ୍ପଷ୍ଟ ସ୍ୱରରେ କହିଲା, ଯାହା ହେଉ ଆଜି ଦେଖିଦେଲି ।

କୁମ୍ଭାର ମଧ ଏହି ଦୁଇ ପଦ କଥା ଶୁଣିଲା । ସେ ଭାବିଲା, ବୋଧ ହୁଏ ବଣିଆ ଏଇ ସୁନା ମାଠିଆଟି ଦେଖିଦେଇଛି । ଯଦି ଇଏ ଯାଇ ରାଜାଙ୍କୁ କହିଦିଏ ତେବେ ଏ ସମସ୍ତ ରାଜା ନେଇଯିବେ । ତେଣୁ ସେ ବଣିଆ ପାଖକୁ ଦୌଡିଯାଇ କହିଲା ତୁମେ ଯାହା ଦେଖିଛ, କାହାକୁ କହିବ ନାହିଁ । ମୁଁ ତୁମକୁ ସେଥିରୁ ଅଧା ଦେବି । ଶୁଖିଲା ଶୁଖିଲା ବଣିଆ ଅଧ ମାଠିଆ ସୁନାମୋହର ପାଇଗଲା ।

# ମହାପୁରୁଷମାନଙ୍କ ଜୀବନର ପ୍ରେରଣାଦାୟୀ ପ୍ରସଙ୍ଗ

ମହାପୁରୁଷମାନଙ୍କ ଜୀବନର ଛୋଟ ଛୋଟ ପ୍ରସଙ୍ଗ ମଧ ବହୁତ ପ୍ରେରଣାପ୍ରଦ ହୋଇଥାଏ । ଏହି ପ୍ରସଙ୍ଗଗୁଡିକରୁ ସେମାନଙ୍କର ମହାନତା ଝଲକିଥାଏ, ସେମାନଙ୍କର ବିଚାରଣା ଦେଖାଯାଏ ଓ ସେମାନଙ୍କ ବ୍ୟବହାର ଲୋକଙ୍କ ପାଇଁ ଏକ ପ୍ରେରଣା ହୋଇଯାଏ । ମହାନ୍ ଲୋକଙ୍କର ଗୋଟିଏ ବଡ଼ ବିଶେଷତା ହେଉଛି, ସେମାନେ କେବେହେଲେ ପ୍ରଦର୍ଶନ କରନ୍ତି ନାହିଁ । ଯାହା ହୋଇଥାନ୍ତି, ଯେପରି ହୋଇଥାନ୍ତି, ସେପରି ହିଁ ରହନ୍ତି । ସେମାନଙ୍କ ମଧରେ ମହାନ୍ ହେବାର କୌଣସି ଅହଂକାର ନ ଥାଏ ଏବଂ ସେମାନେ ନିଜ ନିଜ ଜୀବନରେ କୌଣସି ବଡ଼ କାମ କରିଥିବାର ଅହଂକାର କରନ୍ତି ନାହିଁ । ସେମାନେ ସାଧାରଣ ଲୋକଙ୍କ ପରି ସାଧାରଣ ହୋଇ ଆମ ସମାଜରେ ରହନ୍ତି । ଏହି କାରଣରୁ ସେମାନଙ୍କ ବ୍ୟବହାର ଓ ବେଶଭୂଷାକୁ ଦେଖି କେତେ ଥର ଲୋକେ ତାଙ୍କୁ ଚିହ୍ନି ପାରନ୍ତି ନାହିଁ । ଲାଲ ବାହାଦୂର ଶାସ୍ତ୍ରୀ ଏହିପରି ମହାନ୍ ଲୋକଙ୍କ ମଧରୁ ଜଣେ ଥିଲେ । ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ପଦ ସମ୍ଭାଳିଥିବା ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୀବନ ସରଳତା ଓ ସଜ୍ଜନତାର ପ୍ରତିମୂର୍ତ୍ତି ଥିଲା । ଯେବେ ବି ରାଜନୀତିକ କ୍ଷେତ୍ରରେ କୌଣସି ଅସଭ୍ୟ ଓ ଆଚରଣବିହୀନ ଘଟଣା ଘଟିଥାଏ ତ ଏହାର ବିପରୀତ ଦୃଷ୍ଟାନ୍ତ ଦେବା ପାଇଁ ସର୍ବଦା ଶାସ୍ତ୍ରୀଜିଙ୍କ ନାମ ସ୍ମରଣ କରାଯାଏ । ବାସ୍ତବରେ ଶାସ୍ତ୍ରୀଜିଙ୍କର ସମଗ୍ର ଜୀବନ ହିଁ ଏକ ଦୃଷ୍ଟାନ୍ତ ଥିଲା । ସେ ଏପରି ଜଣେ ବ୍ୟକ୍ତି ଥିଲେ, ଯିଏ ପ୍ରଧାନମନ୍ତ୍ରୀ ହେବା ପରେ ବି ନିଜ ଜୀବନର ସେହି ଦିନଗୁଡିକୁ ଭୁଲି ନ ଥିଲେ, ଯେତେବେଳେ ସେ ମାତ୍ର ଅଢ଼େଇ ଟଙ୍କାରେ ପୂରା ମାସଟିଏ ଚଳୁଥିଲେ । ୧୯୬୧ ମସିହାରେ ଯେତେବେଳେ ଗୋବିନ୍ଦ ପଲ୍ଲଭ ପନ୍ଥଙ୍କ ପରେ ଲାଲ ବାହାଦୁର ଶାସ୍ତ୍ରୀଙ୍କୁ ଦେଶର ଗୃହମନ୍ତ୍ରୀ କରାଗଲା ତ ସେତେବେଳେ ତାଙ୍କର ନିଜର କୌଣସି ଘର ନ ଥିଲା, ଅର୍ଥାତ୍ ନିଜର ଏକ ଘରଟିଏ ତିଆରି କରି ପାରିବା ଭଳି ଜମା ପୁଞ୍ଜି ତାଙ୍କର ନ ଥିଲା । ପ୍ରଧାନମନ୍ତ୍ରୀ ଥିବା ସମୟରେ ଥରେ ଶାସ୍ତ୍ରୀଜୀ ଦିଲ୍ଲୀରୁ ଆଗ୍ରା ପର୍ଯ୍ୟନ୍ତ ଟ୍ରେନରେ ଗଲେ ।

ସେ ସମୟରେ ଆଗ୍ରାରେ ମନ୍ତ୍ରୀ, ପୁଲିସ ଅଧିକାରୀ ଓ ଅନ୍ୟ ବିଶିଷ୍ଟ ଅଧିକାରୀଗଣ ପ୍ରଥମ ଶ୍ରେଣୀ ଡବା ଆଡ଼କୁ ତାଙ୍କର ସ୍ୱାଗତ କରିବା ପାଇଁ ଦୌଡିଲେ, କିନ୍ତୁ ଯେତେବେଳେ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀ ତୃତୀୟ ଶ୍ରେଣୀ ଡବାରୁ ତଳକୁ ଓହ୍ଲାଇଲେ ତ ଏହା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ । କେହି ଆଶା କରି ନ ଥିଲେ ଯେ ପ୍ରଧାନମନ୍ତ୍ରୀ ପଦରେ ଥାଇ ବି ସେ ତୃତୀୟ ଶ୍ରେଣୀରେ ଯାତ୍ରା କରିବେ ।

ଶାସ୍ତ୍ରୀଜି କେବେ ବି ପ୍ରଧାନମନ୍ତ୍ରୀ ବା ଗୃହମନ୍ତ୍ରୀ ଭଳି ଉଚ୍ଚ ପଦର ଉପଯୋଗ ନିଜର ବ୍ୟକ୍ତିଗତ ଲାଭ ବା ସାମାଜିକ ଯଶ, ପ୍ରତିଷ୍ଠା ପାଇବା ପାଇଁ କରି ନ ଥିଲେ । ସର୍ବଦା ଦେଶର ହିତ ବିଷୟରେ ଚିନ୍ତା କରୁଥିଲେ ଓ ଏହି ପଦରେ ଥାଇ ସର୍ବହିତକାରୀ ଶ୍ରେଷ୍ଠ କାର୍ଯ୍ୟଗୁଡିକୁ ହିଁ ସମ୍ପନ୍ନ କରିଥିଲେ । ଯେଉଁମାନେ ନିଜ ଜୀବନରେ ବହୁତ ଉଚ୍ଚ ସଫଳତା ପାଆନ୍ତି ଓ ସେହି ସଫଳତା ଯୋଗୁଁ ଗର୍ବୋନ୍ମତ୍ତ ହୋଇଥାନ୍ତି ସେମାନେ ମହାନ୍ ହୋଇ ନ ଥାନ୍ତି, ବରଂ ସରଳତା, ଉଚ୍ଚ ବିଚାର ଓ ତ୍ୟାଗର ମାର୍ଗ ଗ୍ରହଣ କରୁଥିବା ବ୍ୟକ୍ତି ହିଁ ମହାନ୍ ହୋଇଥାନ୍ତି । ସାଂସାରିକ ସମ୍ବନ୍ଧ ଗୁଡିକରେ ବାନ୍ଧି ହୋଇ ମଧ ସେମାନେ ନିଜର ସମାଜ ଓ ଦେଶ ପ୍ରତି କର୍ତ୍ତବ୍ୟଗୁଡିକୁ ଭୁଲନ୍ତି ନାହିଁ ଏବଂ ସେଗୁଡିକୁ ଉତ୍ତମ ରୂପେ ନିର୍ବାହ କରିଥାନ୍ତି ।

ମହାନ୍ ଲୋକମାନଙ୍କର ଏହି ଶ୍ରେଣୀର କ୍ରମରେ ଆସିଥାନ୍ତି ବର୍ମା ବା ମିଆଁମାରର ଗାନ୍ଧୀ ରୂପେ ପରିଚିତ ମିଆଁମାରର ରାଷ୍ଟ୍ର ପରାମର୍ଶଦାତା ଓ ଗଣତନ୍ତ୍ର ପାଇଁ ରାଷ୍ଟ୍ରୀୟ ଲିଗର ନେତା 'ଅଙ୍ଗ ସାନ ସୁ କୀ' । ସେ ଜଣେ ରାଜନେତ୍ରୀ, ରାଜନୀତିଜ୍ଞା ତଥା ଲେଖିକା । ସେ ବର୍ମାର ରାଷ୍ଟ୍ରପିତା ଅଙ୍ଗ ସାନଙ୍କ କନ୍ୟା, ଯାହାଙ୍କୁ ୧୯୪୭ ମସିହାରେ ରାଜନୀତିକ ହତ୍ୟା କରିଦିଆ ଯାଇଥିଲା । ସୁ କୀ ବର୍ମାରେ ଗଣତନ୍ତ୍ରର ପ୍ରତିଷ୍ଠା ସକାଶେ ଲମ୍ବା ସଂଘର୍ଷ କଲେ ଓ ଶେଷରେ ମିଆଁମାରର ସର୍ବୋଚ୍ଚ ପଦକୁ ସୁଶୋଭିତ କଲେ ।

ଏହି ସଂଘର୍ଷ ପୂର୍ବରୁ ସେ ନିଜର ସୁନ୍ଦର ଜୀବନ ବ୍ରିଟେନରେ ନିଜର ପତି ଓ ପିଲାମାନଙ୍କ ସହିତ ବିତାଉଥିଲେ, କିନ୍ତୁ ୧୯୮୮ ମସିହାରେ ନିଜ ବେମାର ମାଆଙ୍କ ସେବା ନିମନ୍ତେ ଯେତେବେଳେ ସେ ନିଜ ଦେଶ ବର୍ମାକୁ ଆସିଲେ ତ ତାଙ୍କ ଦେଶ ସେନାର ପାଦ ତଳେ ଦଳି ହୋଇଯାଉଥିବା କଥା ସେ ସହି ପାରିଲେ ନହିଁ, ତେଣୁ ସେ ନିଜ ଦେଶର ସ୍ୱାଧୀନତା ଓ ଗଣତନ୍ତ୍ରର ପ୍ରତିଷ୍ଠା ସକାଶେ ବ୍ରିଟେନକୁ ଫେରିବା ରଦ୍ଦ କରିଦେଲେ ଏବଂ ବର୍ମାରେ ହିଁ ରହି ଗଣତନ୍ତ୍ର ପାଇଁ ଆନ୍ଦୋଳନର ନେତୃତ୍ୱ ନେବା କଥା ନିଶ୍ଚୟ କଲେ । ସେ ଭଲ ଭାବରେ ଜାଣିଥିଲେ ଯେ ବର୍ମାର ସେନା ସରକାର ତାଙ୍କୁ ଦମନ କରିବାକୁ ଦ୍ୱିଧା କରିବ ନାହିଁ ଓ ଏହିପରି ହିଁ ହେଲା ।

ସେନା ସରକାର ୧୯୮୮ ମସିହାରେ ଗଣତାନ୍ତ୍ରିକ ନିର୍ବାଚନରେ ଅଙ୍ଗ ସାନ ସୁ କୀଙ୍କ ନେତୃତ୍ୱରେ ନ୍ୟାସନାଲ ଲିଗ୍ ଫର ଡେମୋକ୍ରାସିର ବିଜୟକୁ ରଦ୍ଦ କରି ତାଙ୍କୁ ଜେଲରେ ରଖିଦେଲା । ଯେତେବେଳେ ବିଶ୍ୱ ଜନମତ ସୁ କୀଙ୍କ ନେତୃତ୍ୱରେ ଉଠି ଠିଆ ହେଲା ତ ସେନା ସରକାର ସୁ କୀଙ୍କୁ ନଜରବନ୍ଦୀ କରିଦେଲା । ଇତି ମଧ୍ୟରେ ୧୯୯୯ ମସିହାରେ ବ୍ରିଟେନରେ ରହୁଥିବା ତାଙ୍କ ପତିଙ୍କ ସ୍ୱାସ୍ଥ୍ୟ ବହୁତ ବିଗିଡ଼ି ଗଲା । ସେତେବେଳେ ସୁ କୀଙ୍କ ପତି ମରଣାନ୍ତକ କ୍ୟାନସରରେ ପୀଡିତ ଥିଲେ । ବର୍ମାର ସେନା ସରକାରକୁ ଯେତେବେଳେ ଜଣା ପଡିଲା ଯେ ସୁ କୀଙ୍କ ପତି ଜୀବନ ଓ ମୃତ୍ୟୁର ଅନ୍ତିମ କ୍ଷଣରେ ଅଛନ୍ତି ତ ସରକାର ସୁ କୀଙ୍କ ସମକ୍ଷରେ ଏକ ନେଣଦେଣ ପ୍ରସ୍ତାବ କ୍ରମେ ସର୍ତ୍ତ ରଖିଲା ଯେ ବ୍ରିଟେନ ଯିବା ପାଇଁ ହେଲେ ଆଉ କେବେ ବର୍ମା ନ ଫେରିବା କଥା ଲିଖିତ ଆକାରରେ ଦେବାକୁ ହେବ । ସୁ କୀ ସେନା ସରକାରର ଏକଥା ମାନିବାକୁ ଅସ୍ୱୀକାର କରିଦେଲେ ଓ ତାପରେ ତାଙ୍କ ପତିଙ୍କର ନିଧନ ହୋଇଗଲା ।

ନିଜ ପତିଙ୍କ ଅନ୍ତ୍ୟେଷ୍ଟିକୁ ବି ସେ ଯାଇ ପାରିଲେ ନାହିଁ, କାରଣ ସେନା ସରକାରର ଆଭିମୁଖ୍ୟ ଏବେ ବି ନେଣଦେଣ ପରି ଥିଲା । ବର୍ମାର ସେନା ସରକାର ଦ୍ୱାରା ତାଙ୍କୁ ୧୪ ବର୍ଷ ପର୍ଯ୍ୟନ୍ତ ଜେଲରେ ନଜରବନ୍ଦୀ କରି ରଖାଗଲା ଏବଂ ତାଙ୍କୁ ୨୦୧୦ ମସିହା ନଭେମ୍ବର ୧୩ରେ ମୁକ୍ତ କରାଗଲା । ଅଙ୍ଗ ସାନ ସୁ କୀଙ୍କୁ ୧୯୯୦ ମସିହାରେ ରାଫତୋ ପୁରସ୍କାର ଏବଂ ବିଚାରର ସ୍ୱାଧୀନତା ପାଇଁ ସଖାରୋଭ ପୁରସ୍କାର, ୧୯୯୧ ମସିହାରେ ନୋବେଲ ଶାନ୍ତି ପୁରସ୍କାର, ୧୯୯୨ ମସିହାରେ ଅନ୍ତରାଷ୍ଟ୍ରୀୟ ସାମଞ୍ଜସ୍ୟ ପାଇଁ ଭାରତ ସରକାରଙ୍କ ଦ୍ୱାରା ଜବାହରଲାଲ ନେହେରୁ ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ଦୁର୍ଭାଗ୍ୟକୁ ସେନା ସରକାର ତାଙ୍କୁ ପୁଣି ନଜରବନ୍ଦୀ କରି ଦେଇଛି । ମହାନ୍ ଲୋକଙ୍କ ଶ୍ରେଣୀର ପରବର୍ତ୍ତୀ କ୍ରମରେ ଅଛନ୍ତି ବିଚାର କୁଶଳ, ମହାନ୍ ଲେଖିକା ଅଗାଥା କ୍ରିଷ୍ଟି । ସେ ଚର୍ଚ୍ଚିତ ଗୁଇନ୍ଦା ଲେଖକମାନଙ୍କ ମଧରୁ ଜଣେ ଥିଲେ ଯାହାଙ୍କ ଉପନ୍ୟାସଗୁଡିକର ଲକ୍ଷ ଲକ୍ଷ କପି ବିକ୍ରି ହୋଇଥିଲା । ଅଗଥା କ୍ରିଷ୍ଟିଙ୍କ ପିଲାଦିନ ଅତ୍ୟନ୍ତ କଷ୍ଟପୂର୍ଣ୍ଣ ଥିଲା ଏବଂ ଅନେକ ସମସ୍ୟା ମଧରେ ବିତିଥିଲା । ତାଙ୍କ ଲେଖାପଢ଼ା କେବେ ବି ବ୍ୟବସ୍ଥିତ ହୋଇ ପାରି ନ ଥିଲା, ସେଥିପାଇଁ ଜୀବନ ସାରା ସେ ପଢ଼ିବା ଓ ଶିଖିବାରେ ଲାଗି ରହିଲେ ।

ଥରେ ୫୫ ବର୍ଷ ବୟସରେ ସେ ଏକ ଟ୍ରେନରେ ଯାତ୍ରା କରୁଥିଲେ । ସେତେବେଳେକୁ ତାଙ୍କ ଉପନ୍ୟାସର ୧ ଅର୍ବୁଦ କବି ବିକ୍ରି ହୋଇ ସାରିଥିଲା ଏବଂ ସେଗୁଡକ ୪୪ ଟି ଭାଷାରେ ଅନୁବାଦିତ ହୋଇ ସାରିଥିଲା । କିନ୍ତୁ ସେ ଯେଉଁ ଟ୍ରେନରେ ଯାତ୍ରା କରୁଥିଲେ ସେଥିରେ ତାଙ୍କ ପାଖରେ ବସିଥିବା ବ୍ୟକ୍ତି ଏକଥା ଜାଣି ନ ଥିଲା । ସେ ଜଣେ ଯୁବା ଗୁଇନ୍ଦା ଥିଲା । ଅଗାଥା କ୍ରିଷ୍ଟି ଯାତ୍ରା ସମୟରେ ନିଃସଙ୍ଗତା ଦୂର କରିବା ପାଇଁ ତା' ସହିତ ପରିଚୟ ବଢ଼ାଇବାକୁ ଚାହିଁବାରୁ ସେ ନିଜକୁ ଏକ ବଡ଼ ଗୁଇନ୍ଦା କହିଲା । ଯେତେବେଳେ ଅଗାଥା ତା' ପ୍ରତି ଓ ତା'ର କାର୍ଯ୍ୟ ପ୍ରତି ଆଗ୍ରହ ଦେଖାଇଲେ ଏବଂ ତାକୁ ନିଜ ସଫଳତାର କାହାଣୀ ଶୁଣାଇବାକୁ କହିଲେ ତ ସେହି ଗୁଇନ୍ଦା ତାଙ୍କର ଏକ ଉପନ୍ୟାସର ଘଟଣାକୁ ଅତିରଞ୍ଜିତ କରି ନିଜର ସଫଳତା ରୂପେ ଶୁଣାଇଲା ।

ଅଗାଥା କ୍ରିଷ୍ଟି ପୁରା ସମୟ ଦେଇ ବଡ଼ ରୁଚିର ସହିତ ତା'ର ପ୍ରଶଂସା କରି କାହାଣୀ ଶୁଣିଲେ । ପ୍ରାୟ ୨୪ ଘଣ୍ଟା ପରେ ଯେବେ ତାଙ୍କର ଯାତ୍ରା ସମାପ୍ତ ହେଲା ତ ସେ ଯାତ୍ରାକୁ ସୁନ୍ଦର ଢ଼ଙ୍ଗରେ ବିତାଇବାରେ ସେହି ଗୁଇନ୍ଦା ସହଯୋଗ କରିଥିବାରୁ ତାକୁ ଧନ୍ୟବାଦ ଦେଲେ ଏବଂ ଶେଷରେ ସେହି ଗୁଇନ୍ଦା ତାଙ୍କର ନାମ ପଚାରିବାକୁ ସେ ବଡ଼ ସହଜ ଭାବରେ କହିଲେ ଅଗାଥା କ୍ରିଷ୍ଟି ।

ଅବଶିଷ୍ଟାଂଶ ୧୦ମ ପୃଷ୍ଠାରେ

# ଈଶ୍ୱରଙ୍କ ଶରଣାଗତି ଦ୍ୱାରା ମିଳିଥାଏ ଶାଶ୍ୱତ ସୁଖ

**ଜ୍ଞା**ତ ଅଜ୍ଞାତରେ ବ୍ୟକ୍ତି ଦ୍ୱାରା ଅନେକ ଥର ଏପରି ଭୁଲ ହୋଇଯାଏ, ଯଦ୍ୱାରା ସେ ବହୁତ ଦୁଃଖୀ ହୋଇଥାଏ । କେତେ ଥର ଆମେ ଜାଣିଶୁଣି କୌଣସି ଭୁଲ କରି ବସୁ । ଆମେ ହିଂସା, ଅନୀତି, ଅନାଚାର, ବ୍ୟଭିଚାର, ଦୁର୍ନୀତି ଆଦି କୃତ୍ୟ ଗୁଡିକରେ ସାମିଲ ହୋଇଥାଉ । କେତେ ଥର ଆମେ ମନ୍ଦ କର୍ମ କରିବାକୁ ଚାହିଁ ନ ଥାଉ, କିନ୍ତୁ ଆମେ ନିଜକୁ ମନ୍ଦ କର୍ମ କରିବାରୁ ରୋକି ପାରି ନ ଥାଉ । ଆମେ ନିଜକୁ ରୋକିବାକୁ ତ ଚାହିଁଥାଉ, କିନ୍ତୁ ରୋକି ପାରି ନ ଥାଉ । ଆମର ନିଜ ଉପରେ ନିୟନ୍ତ୍ରଣ ହିଁ ନ ଥାଏ । ଫଳରେ ଆମେ ମନର ପ୍ରରୋଚନାରେ ପଡ଼ି ନ ଚାହିଁଲେ ବି କର୍ମଗୁଡିକରେ ଲିପ୍ତ ହୋଇଯାଉ । ପ୍ରକୃତରେ ଆମର ଅଚେତନ ମନ ଯେବେ ଆମର ପୂର୍ବଜନ୍ମ ବା ଏହି ଜନ୍ମରେ କରାଯାଇଥିବା ମନ୍ଦ କର୍ମଗୁଡିକର ସଂସ୍କାରରେ ଭରି ରହିଥାଏ ତ ତାହାର ପ୍ରବାହ ଏତେ ପ୍ରବଳ ହୋଇଥାଏ ଯେ ତାହାର ପ୍ରବାହର ପ୍ରଭାବରେ ଆସି ଆମେ ନିଜକୁ ମନ୍ଦ କର୍ମ କରିବାରୁ ରୋକିପାରି ନ ଥାଉ ଏବଂ ଯେବେ ଆମର ଅଚେତନ ଶୁଭ କର୍ମଗୁଡିକର ସଂସ୍କାରରେ ଭରି ରହିଥାଏ ତ ସେହି ସଂସ୍କାର ଗୁଡିକର ପ୍ରବଳ ପ୍ରବାହରେ ପ୍ରବାହିତ ହୋଇ ଆମେ ସ୍ୱଭାବତଃ ଶୁଭ କର୍ମ, ପୁଣ୍ୟ କର୍ମ ଆଦି କରିବା ପାଇଁ ପ୍ରେରିତ ହୋଇଥାଉ ।

ଯେହେତୁ ଆମର ଆତ୍ମା ସତ ଚିତ ଆନନ୍ଦ ସ୍ୱରୂପ ପରମାତ୍ମାଙ୍କର ହିଁ ସ୍ୱରୂପ, ସେଥିପାଇଁ ଆମର ଆତ୍ମାକୁ ସତ୍ ଚିତ, ପବିତ୍ର ଚିତ୍ତ ପ୍ରିୟ ଲାଗେ, ଆନନ୍ଦଦାୟୀ ଲାଗେ । ଯେତେବେଳେ ଆମେ ସତ୍ୟର ମାର୍ଗରେ ଚାଲିଥାଉ, ଈଶ୍ୱରଙ୍କ ମାର୍ଗରେ ଚାଲିଥାଉ ସେତେବେଳେ ଆମକୁ ଆତ୍ମିକ ଆନନ୍ଦର ଅନୁଭୂତି ହୋଇଥାଏ । ସେବା, ପରୋପକାର, ଦାନ, କ୍ଷମା ଆଦି ଉତ୍ତମ କର୍ମ କରିବା ଦ୍ୱାରା ଆମକୁ ଆତ୍ମସନ୍ତୋଷ ମିଳିଥାଏ, କିନ୍ତୁ ଦୁରାଚାର, ବ୍ୟଭିଚାର, ପାପାଚାର, ଭ୍ରଷ୍ଟାଚାର ଆଦି କରିବା ଦ୍ୱାରା ଆମକୁ ଆତ୍ମଗ୍ଲାନି ହୋଇଥାଏ । କାହିଁକି ? କାରଣ ଜୀବାତ୍ମା ପରମାତ୍ମାଙ୍କ ଅଂଶ ହେବା କାରଣରୁ ଆନନ୍ଦ ପ୍ରିୟ ସତ୍ୟ ପ୍ରିୟ ଅଟେ ।

ପରମାତ୍ମା କରୁଣାର ସାଗର, ପ୍ରେମ ସାଗର, ଜ୍ଞାନର ସାଗର । ଏଣୁ ହୃଦୟରେ କରୁଣା, ପ୍ରେମ ଓ ଜ୍ଞାନର ଲହରୀ ଉଠିବା, ପ୍ରବାହିତ ହେବା ମାତ୍ରେ ଜୀବାତ୍ମାକୁ ପରମ ଆନନ୍ଦର ଅନୁଭୂତି ହୋଇଥାଏ । ମନ ପବିତ୍ର ହୋଇଗଲେ ଆମର ଆତ୍ମା ଆନନ୍ଦରେ ଭରିଯାଏ । ଆମର ମନ ଶାନ୍ତ, ପ୍ରଶାନ୍ତ ହୋଇ ଉଠେ । ଏ ସଂସାରରେ କେହି ବି ଦୁଃଖ ପାଇବାକୁ ଚାହେଁ ନାହିଁ । ଉତ୍ତମ କର୍ମ କରିବା ଓ ମନ୍ଦ କର୍ମ କରିବା ବ୍ୟକ୍ତି କେହି ଦୁଃଖ ଚାହାନ୍ତି ନାହିଁ ।

ଭଲ ମନ୍ଦ ସବୁ ଲୋକ ସୁଖ ହିଁ ପାଇବାକୁ ଚାହାନ୍ତି, କାରଣ ସୁଖ, ଆନନ୍ଦ ହିଁ ଆତ୍ମାର ମୂଳ ସ୍ୱଭାବ । ସୁଖ ପାଇବା ପାଇଁ ହିଁ କେହି ଦାନ, ପୁଣ୍ୟ, ପରୋପକାର ଆଦି ଉତ୍ତମ କର୍ମ କରିଥାଏ ଏବଂ ଚୋରି, ହତ୍ୟା, ଲୁଟପାଟ, ବ୍ୟଭିଚାର, ଦୁରାଚାର, ଭ୍ରଷ୍ଟାଚାର ଆଦି କୃତ୍ୟ ମଧ ବ୍ୟକ୍ତି ଦୁଃଖ ପାଇବା ପାଇଁ ନୁହେଁ ବରଂ ସୁଖ ପାଇବାର ଆଶାରେ କରିଥାଏ, କାରଣ ସୁଖ ଆନନ୍ଦ ହିଁ ଜୀବାତ୍ମାର ମୂଳ ସ୍ୱଭାବ । କେହି ଚୋରି, ଦୁର୍ନୀତି କରି ପ୍ରଚୁର ଧନ ଅର୍ଜନ କରିବାକୁ ଚାହିଁଥାଏ, ବିଷୟ ଭୋଗର ଭରପୁର ଭୋଗ କରିବାକୁ ଚାହିଁଥାଏ । କାହିଁକି ? କାରଣ ସେହି ଧନ, ସେହିଭୋଗ ଦ୍ୱାରା ସୁଖ ପାଇବା ପାଇଁ ତା'ର ଆଶା ରହିଥାଏ, ଯାହା କେବେ ପୂରଣ ହୋଇପାରେ ନାହିଁ ।

ଶରୀରଗତ, ବିଷୟଗତ, ପଦାର୍ଥଗତ ସୁଖ, ମନ୍ଦ କର୍ମରୁ ଅର୍ଜିତ ସୁଖ ଭଲା ସତ ଚିତ୍ ଆନନ୍ଦ ସ୍ୱରୂପ ଆତ୍ମାକୁ କିପରି ତୃପ୍ତ କରି ପାରିବ ? ଧନଦୌଲତ ଦ୍ୱାରା ତାକୁ ସୁଖର ଅନୁଭୂତି ହୁଏ ନାହିଁ, କାରଣ ମନ୍ଦ କର୍ମ କରିବା ଯୋଗୁଁ ତା' ଭିତରେ ଭୟ ପୁରି ରହିଥାଏ । ତା'ର ମନ କୌଣସି ଅଘଟଣର ଆଶଙ୍କାରେ ସର୍ବଦା ଆଶଙ୍କିତ, ଆତଙ୍କିତ ଭୟଭୀତ ରହିଥାଏ । ତା' ଭିତରେ ହାହାକାର କରି ଉଠେ । ତାର ସୁଖଶାନ୍ତି ସମାପ୍ତ ହୋଇଯାଏ । ମନ୍ଦ କର୍ମ, ଅଶୁଭ କର୍ମ, ପାପ କର୍ମଗୁଡିକୁ ଆତ୍ମା କେବେ ବି ସ୍ୱୀକାର କରିପାରେ ନାହିଁ । କାହିଁକି ? କାରଣ ସେପରି କର୍ମ ତା'ର ପ୍ରକୃତି ଅନୁକୂଳ ହୋଇ ନ ଥାଏ, ତା'ର ସ୍ୱଭାବ ଅନୁକୂଳ ହୋଇ ନ ଥାଏ । ଯେପରି ଶରୀର ବିଜାତୀୟ ତତ୍ତ୍ୱଗୁଡିକୁ ଶରୀରରୁ ନିଷ୍କାସିତ କରିବା ପାଇଁ ବ୍ୟାକୁଳ ହୋଇଥାଏ, ସେଗୁଡିକୁ ବରଦାସ୍ତ କରିପାରେ ନାହିଁ, ତଥା ସେଗୁଡିକୁ ବାହାରକୁ ବାହାର କରିଦେବା ପାଇଁ ବିଦ୍ରୋହ କରିଥାଏ, ସେହିପରି ଆମର ଆତ୍ମା ମଧ ମନ୍ଦ କର୍ମଗୁଡିକୁ ବରଦାସ୍ତ କରିପାରେ ନାହିଁ ଏବଂ ସେହି କର୍ମଗୁଡିକରୁ ମୁକ୍ତ ହେବା ପାଇଁ ବିଦ୍ରୋହ କରିଥାଏ ।

ଆମେ ସୁଖର ସନ୍ଧାନରେ ଜୀବନ ସାରା ବିଷୟ ଭୋଗ ଗୁଡିକରେ ହିଁ ଲିପ୍ତ ରହିଥାଉ କିନ୍ତୁ ବିଷୟ ଭୋଗ ଓ ପଦାର୍ଥଗତ ସାଧନଗୁଡିକରୁ ପ୍ରାପ୍ତ ସୁଖ ଦ୍ୱାରା ବି ଆମେ ସୁଖୀ ହୋଇପାରି ନ ଥାଉ । ଆମର ମନ ସେତେବେଳେ ବି ଉଦବିଗ୍ନ ଓ ଅଶାନ୍ତ ହୋଇଥାଏ । ଦୁର୍ଲଭ ମାନବ ଜୀବନ ବେକାର ବିତିଯିବା, ସମାପ୍ତ ହୋଇଯିବାର ଦୁଃଖରେ ଆମେ ଆହୁରି ଦୁଃଖୀ ଓ ଅଶାନ୍ତ ହୋଇଯାଉ । ଆମେ ଗ୍ଲାନିରେ ଭରିଯାଉ । ଭୟରେ ଭରିଯାଉ । ପୁଣି ଗ୍ଲାନି ଓ ପୀଡ଼ାରେ ହାହାକାର କରୁଥିବା ନିଜର ଆତ୍ମା କାରଣରୁ ହିଁ ଶାଶ୍ୱତ ସୁଖ ଓ ଶାନ୍ତି ପାଇବା ସକାଶେ ଶେଷରେ ମନ୍ଦରୁ ମନ୍ଦ ବ୍ୟକ୍ତିକୁ ବି ନିଜ ଆତ୍ମାର ଅନୁସରଣ, ଅନୁଗମନ କରିବାକୁ ପଡିଥାଏ । ଦିନେ ନିଜ ଅନ୍ତରାତ୍ମାର ଆକୁଳ ଡାକରେ ଜୀବାତ୍ମାକୁ ଈଶ୍ୱରଙ୍କ ମାର୍ଗରେ, ସତ୍ୟର ମାର୍ଗରେ, ଅଧାତ୍ମର ମାର୍ଗରେ ଚାଲିବା ପାଇଁ ବିବଶ ହେବାକୁ ପଡିଥାଏ । ଜୀବାତ୍ମାକୁ ଆତ୍ମାର ଅନୁଗମନ, ଅନୁସରଣ କରିବାକୁ ହିଁ ପଡ଼ିଥାଏ । ତାକୁ ଆନନ୍ଦର ବାସ୍ତବିକ ସ୍ରୋତ, ସୁଖର ଶାଶ୍ୱତ ସ୍ରୋତ ଈଶ୍ୱରଙ୍କ ସହିତ ଯୋଡ଼ି ହେବାକୁ ପଡ଼ିଥାଏ । ତାକୁ ଈଶ୍ୱରଙ୍କ ଶରଣରେ ଯିବାକୁ ହିଁ ପଡ଼ିଥାଏ । ଆମ ପାଇଁ ଈଶ୍ୱରଙ୍କ ଶରଣାଗତ ହିଁ ଏକମାତ୍ର ଉପାୟ । ଈଶ୍ୱରଙ୍କ ଶରଣାଗତିରେ ହିଁ ନିର୍ଭୟତା ଅଛି ଏବଂ ଯେଉଁଠି ନିର୍ଭୟତା ଅଛି, ସେଠାରେ ଆନନ୍ଦ ଅଛି, ପରମାନନ୍ଦ ଅଛି । ଆମେ ବର୍ତ୍ତମାନରେ ଯେମିତି ବି ଅଛୁ, ମନ୍ଦରୁ ମନ୍ଦ ହୋଇଥାଉ ନା କାହିଁକି, ଈଶ୍ୱରଙ୍କ ଶରଣ ଆମ ପାଇଁ ସୁଲଭ । ଯେଉଁ ମନୁଷ୍ୟ ସଚ୍ଚା ହୃଦୟରେ ଭଗବାନଙ୍କ ଶରଣକୁ ଚାଲିଯାଏ, ଭଗବାନ ତା'ର ସମ୍ପୂର୍ଣ୍ଣ ପାପକୁ କ୍ଷମା କରି ଦିଅନ୍ତି । ସ୍ୱୟଂ ଭଗବାନ ବି ଉଦଘୋଷଣା କରିଛନ୍ତି ଯେ ସଚ୍ଚା ହୃଦୟରେ ଯିଏ ବି ତାଙ୍କ ଶରଣକୁ ଯାଏ, ସେ ତାକୁ ସ୍ୱୀକାର କରନ୍ତି, ତାକୁ ତ୍ୟାଗ କରନ୍ତି ନାହିଁ । ଗୀତାରେ ଭଗବାନ କହିଛନ୍ତି 'ସମ୍ପୂର୍ଣ୍ଣ ଧର୍ମକୁ, ସମ୍ପୂର୍ଣ୍ଣ କର୍ମକୁ ମୋ ମଧରେ ତ୍ୟାଗ କରି ତୁ କେବଳ ଏକମାତ୍ର ମୋର ଶରଣକୁ ସର୍ବଶକ୍ତିମାନ, ସର୍ବାଧାର ପରମେଶ୍ୱରଙ୍କ ଶରଣକୁ ଆସିଯାଅ । ମୁଁ ତତେ ସମ୍ପୂର୍ଣ୍ଣ ପାପରୁ ମୁକ୍ତ କରିଦେବି । ତୁ ଶୋକ କର ନାହିଁ, ବରଂ ଯଦି କୌଣସି ଦୁରାଚାରୀରୁ ଦୁରାଚାରୀ ମଧ ଅନନ୍ୟ ଭକ୍ତ ହୋଇ ମୋର ଭଜନ କରେ ତ ତାକୁ ସାଧୁ ହିଁ ମାନିବା ଉଚିତ । କାରଣ ସେ ଏବେ ବହୁତ ଭଲ ଭାବରେ ନିଶ୍ଚୟ କରି ନେଇଛି ଯେ ପରମେଶ୍ୱରଙ୍କ ଭଜନ ସମାନ ଅନ୍ୟ କିଛି ବି ନାହିଁ ।

ବାଲ୍ମୀକି ରାମାୟଣ (୬.୧୮.୩୩)ରେ ମଧ ଭଗବାନ କହିଛନ୍ତି - ଯିଏ ଥରେ ମୋର ଶରଣକୁ ଆସି 'ମୁଁ ତୁମର ଏପରି କହି ରକ୍ଷାର ଯାଚନା କରିଥାଏ, ତାକୁ ମୁଁ ସମ୍ପୂର୍ଣ୍ଣ ପ୍ରାଣୀଙ୍କ ମଧରେ ଅଭୟ କରିଦିଏ । ଏହା ମୋର ବ୍ରତ ।

ବିଲକୁଲ ଏହିପରି ଉଦଘୋଷଣା ଭଗବାନ ଶ୍ରୀରାମ ଚରିତ ମାନସର ପ୍ରସ୍ତୁତ ଚଉପଦୀରେ କହିଛନ୍ତି-

କୋଟି ବିପ୍ର ବଧ ଲାଗହିଂ ଜାହୂ ।
ଆଏଁ ସରନ ତଜଉଁ ନହିଂ ତାହୂ ।
ସନମୁଖ ହୋଇ ଜୀବ ମୋହି ଜବହୀଂ ।
ଜନ୍ମ କୋଟି ଅଘ ନାସହିଂ ତବହୀଂ ।

ଅର୍ଥାତ୍ ଭଗବାନ ଶ୍ରୀରାମ କହୁଛନ୍ତି ଯାହାକୁ କୋଟି କୋଟି ବ୍ରାହ୍ମଣଙ୍କ ହତ୍ୟାର ଦୋଷ ଲାଗିଥିବ, ଶରଣକୁ ଆସିଲେ ତାକୁ ମଧ ମୁଁ ତ୍ୟାଗ କରେ ନାହିଁ । ଜୀବ ମୋର ସମ୍ମୁଖ ହେବା ମାତ୍ରେ ତା'ର କୋଟି କୋଟି ଜନ୍ମର ପାପ ନଷ୍ଟ ହୋଇଯାଏ ।

ବ୍ୟକ୍ତି ଦ୍ୱାରା ଜୀବନରେ ଯେତେ ବଡ଼ ଭୁଲ ହୋଇଥାଉ ନା କାହିଁକି, ବ୍ୟକ୍ତି ଦ୍ୱାରା ବଡ଼ରୁ ବଡ଼ ଅପରାଧ, ବ୍ୟଭିଚାର, ଦୁରାଚାର ହୋଇଥାଉ ନା କାହିଁକି ସେ ସବୁ ପ୍ରକାରେ ଅଧମ, ନୀଚ ଓ ପାପୀ ହୋଇଥାଉ ନା କାହିଁକି, ସେ ଯଦି ସଚ୍ଚା ମନରେ ଈଶ୍ୱରଙ୍କ ଶରଣକୁ ଯାଏ, ସେତେବେଳେ ତା'ର ଏକ ନୂତନ ଜନ୍ମ ହୋଇଥାଏ, କାଣ ଈଶ୍ୱରଙ୍କ ଶରଣ ପାଇ ଈଶ୍ୱରଙ୍କ ଭକ୍ତିର ପ୍ରଭାବରେ ବ୍ୟକ୍ତିର ହୃଦୟ ପବିତ୍ର ହୋଇଯାଏ ।

ତା' ଦ୍ୱାରା ପୂର୍ବରୁ କରାଯାଇଥିବା ନୀଚ କର୍ମଗୁଡିକ କାରଣରୁ ତା' ମନରେ ଯେଉଁ ଭୟ ବ୍ୟାପ୍ତ ଥାଏ, ଯେଉଁ ଅନ୍ଧକାର ବ୍ୟାପ୍ତ ଥାଏ ଏବଂ ଯେଉଁ କୁକର୍ମଗୁଡିକ କାରଣରୁ ସେହି ଅନ୍ଧକାର ଥାଏ, ସେସବୁ ସମାପ୍ତ ହୋଇଯାଏ । ତାକୁ ଏକ ନୂତନ ଜୀବନଦୃଷ୍ଟି ମିଳିଯାଏ । ତା'ର ଏକ ନୂଆ ଜନ୍ମ ହୋଇଥାଏ ।

ଏହା କିଛି ସେହିପରି, ଯେପରି ରତ୍ନାକରଙ୍କ ଜୀବନ ବଦଳି ଗଲା । ବ୍ରହ୍ମଙ୍କ ଶରଣ ପାଇ ବ୍ରହ୍ମଙ୍କ ମଧରେ ଲୀନ ହୋଇ ସେ ସ୍ୱୟଂ ବ୍ରହ୍ମସ୍ୱରୂପ ହୋଇଗଲା । ବୁଦ୍ଧଙ୍କ ଶରଣ ପାଇବା ମାତ୍ରେ ଅଙ୍ଗୁଳିମାଳ ବୌଦ୍ଧଭିକ୍ଷୁ ହୋଇଗଲା । ବୁଦ୍ଧଙ୍କ ଶରଣ ପାଇ ଆମ୍ରପାଲୀ ବୌଦ୍ଧଭିକ୍ଷୁଣୀ ହୋଇଗଲେ । ଯେବେ ଧ୍ରୁବଙ୍କୁ ତାଙ୍କର ବିମାତା ପିତାଙ୍କ କୋଳରୁ ଓହ୍ଲାଇ ଦେଲେ ତ ଧ୍ରୁବଙ୍କୁ ବହୁତ ଦୁଃଖ ହେଲା ।

**ଅବଶିଷ୍ଟାଂଶ ୧୦ମ ପୃଷ୍ଠାରେ**

## ଟିକିଏ ହସନ୍ତୁ

ମଦୁଆଟିଏ ରାସ୍ତାରେ ପଡ଼ିଥିଲା ।
ପୁଲିସ: ଏତେ କ'ଣ ପାଇଁ ପିଇଛ ?
ମଦୁଆ: କ'ଣ କରିବି ସାର୍ ମୁଁ ବାଧ ଥିଲି ।
ପୁଲିସ୍: କ'ଣ ବାଧ ?
ମଦୁଆ: କାରଣ ବୋତଲର ଠିପି ହଜି ଯାଇଥିଲା ।

× × × ×

ବାହାଘରେ ଜଣେ ସୁନ୍ଦରୀ ଝିଅ ପପୁକୁ ନାଚିବାକୁ ପଚାରିଲା ।
ଝିଅ: ଆପଣ ନାଚିବାକୁ ପସନ୍ଦ କରିବେ ।
ପୁଅ: ହଁ କାହିଁକି ନୁହଁ ।
ଝିଅ: ତା' ହେଲେ ମୁଁ ଆପଣଙ୍କ ଚେୟାରରେ ବସି ଯାଉଛି ।

× × ×

ସ୍ତ୍ରୀ: ଗତବର୍ଷ ତୁମେ ମୋ ଜନ୍ମଦିନରେ ଲୁହାର ଖଟ ବନେଇଥିଲ । ଏଥର କ'ଣ କରିବ ?
ସ୍ୱାମୀ: ସେଥିରେ କରେଣ୍ଟ ଛାଡ଼ିବି ।

× × × ×



ମୋନୁ: ଆଜି ସେତେ ପର୍ଯ୍ୟନ୍ତ ପିଇବି ଯେ ପର୍ଯ୍ୟନ୍ତ ସାମନାରେ ଥିବା ୩ଟା ଗଛ ମତେ ୬ଟା ଦେଖାଯାଇନି ।
ବାର୍ ମାଲିକ: ଆରେ ଭାଇ ବନ୍ଦ କରନ୍ତୁ । ସାମନାରେ କେବଳ ଗୋଟିଏ ଗଛ ଅଛି । ଏବେ କ'ଣ ଜଙ୍ଗଲ କରିବାର ଅଛି କି ?

× × × × × ×

ଶିକ୍ଷକ: ସ୍ୱର ଏବଂ ବ୍ୟଞ୍ଜନ ମଧରେ ଫରକ କ'ଣ ରହିଛି ?
ସୋନୁ: ସାର୍ ! ସ୍ୱର ମୁହଁରୁ ବାହାରି ଥାଏ ଏବଂ ବ୍ୟଞ୍ଜନ ମୁହଁ ଭିତରକୁ ଯାଇଥାଏ ।

× × × × × ×

ରାମ: ମୋବାଇଲ କମ୍ପାନୀରେ ଚାକିରି ପାଇଁ ଯାଇଥିଲା । କିନ୍ତୁ ପ୍ରଥମ ପ୍ରଶ୍ନର ଉତ୍ତରରେ ହିଁ ମତେ ଧକ୍କା ମାରି ବାହାର କରିଦେଲା ।
ଶ୍ୟାମ: ପ୍ରଶ୍ନ କ'ଣ ଥିଲା ?
ରାମ: ସବୁ ଠାରୁ ବଡ଼ ନେଟୱାର୍କ କ'ଣ ?
ଶ୍ୟାମ: ତୁ କ'ଣ କହିଲୁ ?
ରାମ; କାର୍ଟୁନ ନେଟୱାର୍କ ।

× × × × ×

ସ୍ୱାମୀ ତା' ସ୍ତ୍ରୀକି ନିତିଦିନ ଫୋନ କରେ ।
ଶାଶୁ: କେତେଥର କହିଲିଣି, ସେ ଆଉ ତୁମ ଘରକୁ ଯିବ ନାହିଁ । ସବୁଦିନ କାହିଁକି ଫୋନ କରୁଛ ।
ଜ୍ୱାଇଁ: ସବୁବେଳେଏହି କଥା ଶୁଣିବାକୁ ଭଲ ଲାଗୁଛି ସେଥିପାଇଁ ।

ଶ୍ରୀକ୍ଷେତ୍ର
ବର୍ଷ ୨୫, ସଂଖ୍ୟା-୪୪, ୫ - ୧୧ ଡିସେମ୍ବର ୨୦୨୧

# ବାରୁଦ ଗଦା ଉପରେ ବିଶ୍ୱ

ପ୍ରାୟ ଦୁଇବର୍ଷ ଧରି ବ୍ୟାପିଥିବା କରୋନା ବିପର୍ଯ୍ୟୟର ସମାପ୍ତି ଏ ପର୍ଯ୍ୟନ୍ତ ଘଟିନାହିଁ । କରୋନା ଆତଙ୍କ ଟିକିଏ କମ ହୋଇଛି କି ନାହିଁ ଅଗଷ୍ଟ ୧୫,୨୦୨୧ ରେ ତାଲିବାନ ଗୋଷ୍ଠୀ ଆପଗାନିସ୍ଥାନକୁ ଅଧିକାର କରି ବିଶ୍ୱରେ ଅଶାନ୍ତି ସୃଷ୍ଟି କଲେ । କିନ୍ତୁ ସଦ୍ୟ ଘଟିଥିବା ରାଜନୈତିକ ଘନଘଟା ବିଶ୍ୱର ସ୍ଥିତିକୁ ଯେଉଁଭଳି ବିପଜ୍ଜନକ କଲାଣି ତାହାପୂର୍ବରୁ କେବେ ଘଟି ନଥିଲା । ଦୀର୍ଘ ୭୫ ବର୍ଷ ଧରି ନିରପେକ୍ଷ ରହିଥିବା ଭାରତ ନିଜର ସ୍ଥିତି ରକ୍ଷା ପାଇଁ ଏତେ ପକ୍ଷଭୁକ୍ତ ହୋଇଛି । ଚୀନ ଓ ରୁଷ ଆମେରିକା ବିପକ୍ଷରେ ଏକଜୁଟ ହୋଇଛନ୍ତି । ନିଆଁଗିଳା ଚୀନ ଦକ୍ଷିଣ ଚୀନ ସାଗରରେ ଏକାଧିପତ୍ୟ ଜାହିର କରି କେତେବର୍ଷ ହେଲା ପଡୋଶୀ ଦେଶମାନଙ୍କୁ ଭୟଭୀତ କରାଉଛି । ଶୁ ଆମେରିକା, ଅଷ୍ଟ୍ରେଲିଆ, ଜାପାନ, ଭାରତ ତା'ର କଡ଼ା ବିରୋଧ କରିବା ପାଇଁ କ୍ୱାଡ୍ରା ଗୋଷ୍ଠୀ ଗଠନ କରିଛନ୍ତି । ଏହି ଗୋଷ୍ଠୀ ଅକ୍ଟୋବର ମାସରେ ବଙ୍ଗୋପସାଗରରେ ମାଲାବାର ନୌବାହିନୀ ଅଭ୍ୟାସ ପ୍ରଦର୍ଶନ କରି ଚୀନକୁ ସାବଧାନ କରାଇଛନ୍ତି । ଭିଏତନାମ ଦକ୍ଷିଣ, କୋରିଆ, ଫିଲିପାଇନ୍ସ, କାମ୍ବୋଡ଼ିଆ, ଇଣ୍ଡୋନେସିଆ, ମାଲୟେସିଆ, ତାଇୱାନ ଏମିତି ପ୍ରାୟ ଅଧଡଜନେ ଛୋଟ ଛୋଟ ଦେଶ କେବେଠାରୁ ଚୀନକୁ କଡା ବିରୋଧ କରୁଛନ୍ତି । ଭାରତ ସହିତ ଗତ ଷାଠିଏ ବର୍ଷ ଧରି ଚୀନର ବଡ଼ ଧରଣର ସୀମା ବିବାଦ ଲାଗି ରହିଛି । ଗତବର୍ଷ ଅରୁଣାଚଳ ଓ ପୂର୍ବ ଲଦାଖ ସୀମାରେ ଚୀନ, ଭାରତ ଭିତରକୁ ପଶିବା ପାଇଁ ଚେଷ୍ଟା କରୁଥିବା ବେଳେ 'ଗଲୱାନ ଘାଟି'ରେ କଡା ବିରୋଧର ସମ୍ମୁଖୀନ ହୋଇଥିଲା । ଏବର୍ଷ ପୁଣି ଚୀନ ଜବରଦଖଲ ଅଭ୍ୟାସ ଜାରି କରିବା ଫଳରେ ଉଭୟ ପକ୍ଷର ପ୍ରାୟ ୫୦ ହଜାର ସୈନ୍ୟ ଏବେ ମୁହାଁମୁହିଁ ହୋଇ ରହିଲେଣି । ବୁଝାମଣା ପାଇଁ ହୋଇଥିବା ୧୩ ଥର ଆଲୋଚନା ବିଫଳ ହୋଇଛି । ଚୀନ ଅଧିକ ସୈନ୍ୟ ଓ ଅସ୍ତ୍ରଶସ୍ତ୍ର ଠୁଳ କରିବା ଫଳରେ ଭାରତ ମଧ ଚୀନକୁ କଡ଼ା ଜବାବ ଦେବା ପାଇଁ ପ୍ରସ୍ତୁତ ହୋଇ ରହିଛି । ବହୁ ଉଚ୍ଚରେ ରହିବାର ଅଭ୍ୟାସ ନ ଥିବା ଫଳରେ ଶ୍ୱାସକ୍ରିୟାଜନିତ ଅସୁବିଧା ଭୋଗି ବହୁ ଚୀନ ସୈନ୍ୟ ପ୍ରାଣ ହରାଇଛନ୍ତି ଏବଂ ଯା ମଧରେ ଚୀନ ବହୁଥର ବାହିନୀର କମାଣ୍ଡର ସ୍ତରରେ ପରିବର୍ତ୍ତନ କଲାଣି । ସେପଟେ ତାଇୱାନ ଭଳି କ୍ଷୁଦ୍ର ଦ୍ୱୀପ ଦେଶର ସମସ୍ୟା ପୃଥିବୀକୁ ଆଉ ଏକ ବଡ଼ ଧରଣର ସଂଘର୍ଷ ଆଡକୁ ଟାଣିନେବାର ଆଶଙ୍କା ଦେଖା ଦେଲାଣି । ଚୀନଠାରୁ ୧୮୦ କି.ମି ଦୂରରେ ଥିବା ତାଇୱାନ ୧୭୦୦ ଶତାବ୍ଦୀରେ ଡଚମାନଙ୍କ ଅଧିକାରରେ ଥିଲା । ୧୮୯୫ ରେ ଏହା ଚୀନ ଅଧିକାରକୁ ଆସିଲା । ୧୯୪୯ ରେ ଚୀନରେ ଗୃହ ଯୁଦ୍ଧ ଲାଗିବାରୁ ରିପବ୍ଲିକ ଅଫ୍ ଚାଇନାର ଅନ୍ୟତମ ମୁଖ୍ୟ ନେତା ଚ୍ୟାଂକାଲ ତାଇୱାନକୁ ଆସି ସେଠାକାର ଶାସନ ଭାର ଗ୍ରହଣ କଲେ । ୧୯୭୫ରେ ତାଙ୍କର ମୃତ୍ୟୁ ପର୍ଯ୍ୟନ୍ତ ୪୦ ବର୍ଷ କାଳ ତାଇୱାନରେ ଏକଦଳୀୟ ଶାସନ ଚାଲିଲା । ୧୯୮୦ ରେ ତାଇୱାନ ଏକ ଗଣତାନ୍ତ୍ରିକ ଦେଶ ହେଲା ୧୫ ଟି ଦେଶ ଯାକୁ ମାନ୍ୟତା ଦେଲେ । ଏହା ଜାତିସଂଘର ସଭ୍ୟ ପ୍ରଥମରୁ ଥିଲା । କିନ୍ତୁ ୧୯୪୯ ରେ ଚୀନରେ କମ୍ୟୁନିଷ୍ଟ ଶାସନ ପ୍ରବର୍ତ୍ତନ ପରେ ୧୯୭୧ ରେ ତାଇୱାନକୁ ଜାତିସଂଘରୁ ବିଦାୟ ନେବାକୁ ପଡିଲା । ଚୀନର ଶକ୍ତି ବୃଦ୍ଧି ପରେ ୪୦ ବର୍ଷ ଧରି ଚୀନ ତାଇୱାନକୁ ଅଧିକାର କରିବ ବୋଲି ଧମକ ଦେଉଛି । କିନ୍ତୁ ଆମେରିକା ଓ ଜାପାନ ତାଇୱାନକୁ ସକ୍ରିୟ ସାହାଯ୍ୟ ଦେଉଥିବା ଫଳରେ ଚୀନର ଏ ଧମକ କାର୍ଯ୍ୟକାରୀ ହୋଇ ପାରି ନାହିଁ । ତଥାପି ୨୦୨୫ ସୁଦ୍ଧା ଚୀନ ତାଇୱାନକୁ ଅଧିକାର କରିବ ବୋଲି ଘୋଷଣା କରିଛି । ଯା ମଧରେ ଶିଳ୍ପ ବିକାଶ ଫଳରେ ତାଇୱାନର ଅଭୂତପୂର୍ବ ଉନ୍ନତି ଘଟିଛି । ୧୯୯୬ ରୁ ଏଠାରେ ପ୍ରତ୍ୟକ୍ଷ ନିର୍ବାଚନ ପଦ୍ଧତିରେ ରାଷ୍ଟ୍ରପତି ନିର୍ବାଚିତ ହେଉଛନ୍ତି । ତାଇୱାନକୁ ଅଧିକାର କରିବାକୁ ହେଲେ ଚୀନକୁ ୨୦ ଲକ୍ଷ ସୈନ୍ୟ ପଠାଇବାକୁ ପଡିବ । ଆମେରିକା ଏବେ ତାଇୱାନକୁ ୫୧ ବର୍ଷ ପରେ ପୁଣି ଜାତିସଂଘର ସଭ୍ୟ କରିବାକୁ ଚେଷ୍ଟା କରୁଥିବାରୁ ଚୀନର ଚିନ୍ତା ବଢ଼ିଲାଣି । ଏଣୁ ଚୀନ କହିଛି ଆମେରିକା ତାଇୱାନକୁ ସାହାଯ୍ୟ କରିବାରୁ ବିରତ ନ ହେଲେ ତୃତୀୟ ବିଶ୍ୱଯୁଦ୍ଧ ହେଲେ ଆମେରିକା ଦାୟୀ ହେବ । କିନ୍ତୁ ପୂର୍ବ ଚୀନ ସାଗର ଠାରୁ ଦକ୍ଷିଣ ଚୀନ ସାଗର ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ, ଜାପାନ, ଆମେରିକା, ବ୍ରିଟେନ ଓ ଭାରତ ଚୀନକୁ ଘେରିବାକୁ ପ୍ରସ୍ତୁତ ହେଲେଣି । ଆମେରିକା, ଅଷ୍ଟ୍ରେଲିଆ, ବ୍ରିଟେନ ଏବେ ଯେଉଁ ନୂଆ ଏକ୍ୟୁସମେଣ୍ଟ କରିଛନ୍ତି ତାହା ରୁଷକୁ ବିରକ୍ତ କରିଛି- ଏଣୁ ରୁଷିଆ ମହାସାଗରର ଯୁଦ୍ଧରେ ଚୀନକୁ ସକ୍ରିୟ ସାହାଯ୍ୟ ଦେବ ବୋଲି ଘୋଷଣା କଲାଣି । ଉପରୋକ୍ତ ଘଟଣାବଳୀକୁ ଲକ୍ଷ୍ୟ କଲେ ପୃଥିବୀ ଯେ ବାରୁଦଗଦା ଉପରେ ବସିଛି, ଏହା ନିଃସନ୍ଦେହରେ କୁହାଯାଇପାରେ । ବର୍ତ୍ତମାନ ପ୍ରତ୍ୟେକ ଦେଶ ପରସ୍ପରକୁ ଅବିଶ୍ୱାସ କରୁଛନ୍ତି ଏବଂ ସମସ୍ତେ ଆତଙ୍କଗ୍ରସ୍ତ । ଏଣେ କରୋନାର ତୃତୀୟ ଲହର ଭୟଙ୍କର ଭାବରେ ଚୀନ, ରୁଷିଆ, ଆମେରିକା, ଇଂଲଣ୍ଡକୁ କବଳିତ କଲାଣି । ଆତଙ୍କରୁ ବୁଦ୍ଧି ଭ୍ରଷ୍ଟ ହୁଏ । ଏଣୁ ପ୍ରତ୍ୟେକ ଦେଶର ସଦବୁଦ୍ଧି ଜାଗରିତ ନ ହେଲେ ଏବଂ ପ୍ରଳୟଙ୍କାରୀ ମହାଯୁଦ୍ଧ ଫଳରେ ମାନବ ସମାଜର ସ୍ଥିତି ବିପନ୍ନ ହେବ, ଏଥିରେ ସନ୍ଦେହ ନାହିଁ ।

# ଚରଖାର ସନ୍ଦେଶ

ମହାତ୍ମା ଗାନ୍ଧୀ



ମୁଁ ଦାବି କରୁଛି ଯେ, ଅର୍ଥନୈତିକ ଦୁର୍ଗତିର ସମସ୍ୟାଟିକୁ ସବୁଠାରୁ ଅଧିକ ସ୍ୱାଭାବିକ, ସରଳ, ଅଳ୍ପବ୍ୟୟ ତଥା ବ୍ୟାବସାୟିକ ପ୍ରଣାଳୀରେ ସମାଧାନ କରିପାରିବାର ସମ୍ମାନ କେବଳ ଚରଖାକୁ ହିଁ ମିଳିପାରିବ । ଚରଖା ହେଉଛି ଜାତୀୟ ସମୃଦ୍ଧିର ପ୍ରତୀକ ଏବଂ ତେଣୁ, ସ୍ୱାଧୀନତାର ମଧ ପ୍ରତୀକ । ଏହା ବ୍ୟାବସାୟିକ ଯୁଦ୍ଧର ନୁହେଁ, ବ୍ୟାବସାୟିକ ଶାନ୍ତିର ଏକ ପ୍ରତୀକ ।

ଚରଖାର ପରିଧି ତୁଳନାରେ ତା'ର ସନ୍ଦେଶ ଅନେକ ଅଧିକ ପ୍ରଶସ୍ତ । ଏହାର ସନ୍ଦେଶ ହେଉଛି ସରଳତାର ସନ୍ଦେଶ, ମାନବସମାଜର ସେବାର ସନ୍ଦେଶ, ଯେପରିକି ଅନ୍ୟମାନଙ୍କ ଲାଗି କୌଣସି ହାନି ନ ପହଞ୍ଚାଇ ବଞ୍ଚିହେବ, ଧନୀ ଏବଂ ଦରିଦ୍ର ମଧରେ ଏକ ଅଚ୍ଛେଦ୍ୟ ବନ୍ଧନ ସୃଷ୍ଟି କରିହେବ, ପୁଞ୍ଜିପତି ଓ ଶ୍ରମିକ ତଥା ରାଜା ଓ ରଇତ ମଧରେ ସେହି ବନ୍ଧନକୁ ସମ୍ଭବ କରିଦେବ, ଚରଖାର ସନ୍ଦେଶ ତାହାରି ସନ୍ଦେଶ । ସେହି ବୃହତ୍ତର ସନ୍ଦେଶଟି ଯେ ପ୍ରକୃତରେ ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ, ଏଥିରେ କୌଣସି ସନ୍ଦେହ ନାହିଁ ।

ଶୋଷଣର ମନୋଭାବ ସ୍ଥାନରେ ସେବାର ମନୋଭାବ ପ୍ରତିଷ୍ଠା କରିବା, ବସ୍ତୁତଃ ତାହା ହିଁ ଚରଖାର ସନ୍ଦେଶ । ପାଶ୍ଚାତ୍ୟ ପୃଥିବୀରେ ସବୁଠାରୁ ଅଧିକ ଆଧିପତ୍ୟ ବିସ୍ତାରକାରୀ ମନୋଭାବ ହେଉଛି ଶୋଷଣର ମନୋଭାବ । ଆମ ଦେଶ ମଧ ସେହି ଧାରା ଅଥବା ମନୋଭାବଟିକୁ ନକଲ କରୁ, ସେଥିଲାଗି ମୋ'ର କୌଣସି ବାସନା ନାହିଁ ।

ମୁଁ ଅବଶ୍ୟ ଅନୁଭବ କରୁଛି ଯେ ଯୁକ୍ତରାଜ୍ୟ ଆମେରିକା ଏବଂ ସମଗ୍ର ପୃଥିବୀ ନିମନ୍ତେ ଏହାର ମଧ ଏକ ବାର୍ତ୍ତା ରହିଛି । ମାତ୍ର ଚରଖାକୁ ଆପଣାର କରିନେଇଛି ବୋଲି ଭାରତବର୍ଷ ପୃଥିବୀ ଆଗରେ ପ୍ରମାଣିତ କରି ନ ଦେଇଥିବା ପର୍ଯ୍ୟନ୍ତ ତାହା ସମ୍ଭବ ହେବ ନାହିଁ । ଭାରତବର୍ଷ ବର୍ତ୍ତମାନ ତାହା କରିନାହିଁ । ଏଥିପାଇଁ ଆମେ ଚରଖାକୁ ଦୋଷ ଦେବା ନାହିଁ । ମୋ'ର ମନରେ ଲେଶମାତ୍ର ସନ୍ଦେହ ନାହିଁ ଯେ, ଭାରତର ତଥା ପୃଥିବୀର ରକ୍ଷା ଏହି ଚରଖାଦ୍ୱାରା ହୋଇ ପାରିବ । ଯଦି ଭାରତ ବର୍ଷ ହିଁ ମେସିନର ଦାସ ହୋଇବସେ, ତେବେ ଭଗବାନ ହିଁ ପୃଥିବୀକୁ ରକ୍ଷା କରନ୍ତୁ ବୋଲି ମୁଁ କହିବି ।

ଇନ୍ଦ୍ରିୟଗତ ଓ ବସ୍ତୁସ୍ତରୀୟ ତୃପ୍ତିର ଆଧୁନିକ କୃତ୍ରିମ ଜୀବନର ବିରୋଧରେ ଯଦି ମୁଁ ପ୍ରଚାର କରୁଥାଏ ଏବଂ ଚରଖାକୁ ମୁଁ ଯାହାର ପ୍ରତୀକ ବୋଲି ବିଚାରୁଛି, ସେହି ସରଳ ଜୀବନକୁ ଫେରିଯିବା ପାଇଁ ଯଦି ପୁରୁଷ ଓ ନାରୀମାନଙ୍କୁ ଅନୁରୋଧ କରୁଛି, ତାହାର କାରଣ ହେଉଛି ଯେ ବୁଦ୍ଧିମତ୍ତା ସରଳତାକୁ ଫେରି ନଗଲେ ନୃଶଂସତାରୁ ଅଧିକ ନିମ୍ନ ଏକ ସ୍ତରକୁ ସ୍ଖଳିତ ହୋଇ ଯାଉଥିବାର ଏହି ପ୍ରମାଦରୁ ରକ୍ଷା ପାଇବାର ଅନ୍ୟ କୌଣସି ପନ୍ଥା ନାହିଁ ବୋଲି ମୁଁ ଉତ୍ତମରୂପେ ଜାଣିଛି ।

ମୁଁ ବିଶ୍ୱାସ କରୁଛି ଯେ, ଅହିଂସା ବ୍ୟତୀତ ଆଉ କୌଣସି ମାର୍ଗ ଭାରତବର୍ଷ ପାଇଁ ଉପଯୁକ୍ତ ହେବ ନାହିଁ । ଭାରତବର୍ଷ ପାଇଁ ସେହି ଧର୍ମର ପ୍ରତୀକ ହେଉଛି ଚରଖା । କାରଣ ଏହି ଚରଖା ହିଁ ଦୀନ ମନୁଷ୍ୟମାନଙ୍କର ବନ୍ଧୁ ଏବଂ ତାହା ହିଁ ଦରିଦ୍ରମାନଙ୍କୁ ପ୍ରାଚୁର୍ଯ୍ୟ ଆଣି ଦେଇପାରିବ । ପ୍ରେମର ବିଧାନ ଦେଶ ବା କାଳର କୌଣସି ସୀମା ମାନେ ନାହିଁ । ତେଣୁ, ମୋ ସ୍ୱରାଜ୍ୟ ଭଙ୍ଗୀମାନଙ୍କର, ଧେଡ଼ମାନଙ୍କର, ଦୁର୍ବଳମାନଙ୍କର ଅର୍ଥାତ୍ ଦରିଦ୍ରଙ୍କ ମଧରେ ଦରିଦ୍ରତମକୁ ମଧ ଦୃଷ୍ଟିରେ ରଖିଥାଏ । ଚରଖା ବ୍ୟତୀତ ଆଉ କୌଣସି ବସ୍ତୁ ଏହି ସମସ୍ତଙ୍କୁ ବନ୍ଧୁ କରି ଆଣିପାରିବ ବୋଲି ମୋତେ ଜଣାନାହିଁ ।

# ଉପକାରୀ ଉଷୁମ ପାଣି



ଉଷୁମ ପାଣି ପିଇବା ସ୍ୱାସ୍ଥ୍ୟ ପାଇଁ ବେଶ୍ ହିତକର ସାବ୍ୟସ୍ତ ହୋଇଥାଏ । ଆଜମା ରୋଗୀଙ୍କ ପାଇଁ ଏହା ବେଶ୍ ଉପକାରୀ । କୋଷ୍ଠକାଠିନ୍ୟ ସମସ୍ୟା ଦୂର ପାଇଁ ଉଷୁମ ପାଣି ଲାଭଦାୟକ । ଏହା ହଜମ କ୍ରିୟାକୁ ଦୃଢ଼ କରେ । କୋଲେଷ୍ଟରଲ ଜନିତ ସମସ୍ୟାରେ ନିୟମିତ ଉଷୁମ ପାଣି ପିଇପାରନ୍ତି । ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାରେ ଏହା ସହାୟକ ହୋଇଥାଏ । ଉଷୁମ ପାଣି ପିଇବା ଦ୍ୱାରା ମେଦବହୁଳତା କେତେକାଂଶରେ ଦୂର ହୋଇଥାଏ ।

# ଆଜିର ଚିନ୍ତନ

ଶରଣାଗତି ପ୍ରକ୍ରିୟାରେ କେବଳ ଉଚ୍ଚତର ଜୀବ ମନୁଷ୍ୟ ନୁହନ୍ତି, ନୀଚ ସ୍ତରର ପ୍ରାଣୀ ପଶୁ, ପକ୍ଷୀ ମଧ ଶରଣାଗତ ହୋଇଥାନ୍ତି । ଯେପରିକି ରତ୍ନପୂର୍ଣ୍ଣ ସାଗରରେ ଗଜରାଜ,ପକ୍ଷୀରାଜ ଜଟାୟୁ, ସର୍ପରାଜ ବାସୁକୀ ଇତ୍ୟାଦି । ଏଥିରେ ବ୍ରାହ୍ମଣ, ଶୁଦ୍ର ଜାତି ବର୍ଣ୍ଣଭେଦ ନାହିଁ । ନୀଚ ଜାତିର ବ୍ୟକ୍ତି ମଧ ଶରଣାଗତ୍ ହେବାର ଦୃଷ୍ଟାନ୍ତ ପୁରାଣ ମାନଙ୍କରେ ରହିଛି, ଯଥା ଗୁହକ ଶବର, ଗଙ୍ଗା କୂଳର ଧୀବର, ବାନରରାଜ ସୁଗ୍ରୀବ, ରାକ୍ଷସରାଜ ବିଭୀଷଣ, ଅରଣ୍ୟର ଶବରୀ ଇତ୍ୟାଦି । ଯେଉଁ ଜୀବ ଥରେ ମାତ୍ର ଭଗବାନଙ୍କ ଶ୍ରୀଚରଣରେ ପ୍ରପନ୍ନ ହୋଇଯାଏ ଏବଂ କହି ଦିଏ, ହେ ନାଥ । ମୁଁ ଆପଣଙ୍କର ହିଁ ଅଟେ । ସେହି ଜୀବକୁ ଭଗବାନ ସମସ୍ତ ଭୟ, ପାପରୁ ମୁକ୍ତ କରି ଦିଅନ୍ତି । ଯେବେ ଯେବେ ଆର୍ତ୍ତ ଜୀବମାନେ ଭଗବାନଙ୍କ ଶ୍ରୀଚରଣରେ ଆଶ୍ରିତ ହୋଇ ସୁରକ୍ଷାର ପ୍ରାର୍ଥନା କରନ୍ତି ତେବେ ତେବେ ଭଗବାନ୍ ଭକ୍ତମାନଙ୍କର ରକ୍ଷା ଅବଶ୍ୟ କରନ୍ତି । ଗୀତାରେ ପ୍ରଭୁ ଶ୍ରୀମୁଖରେ କହିଛନ୍ତି, ଦୈବୀହ୍ୟେଷା ଗୁଣମୟୀ ମମ ମାୟା ଦୁରତ୍ୟୟା, ମାମେବ ଯେ ପ୍ରପଦ୍ୟନ୍ତି ମାୟାମେତାଂ ତରନ୍ତି ତେ । ଇତ୍ୟାଦି ବଚନ ପ୍ରପତ୍ତି ଅଥବା ଶରଣାଗତିର ହିଁ ପ୍ରତିପାଦନ । ଶରଣାଗତି ଛଅ ପ୍ରକାରର ମାନି ନିଆଯାଇଛି । ଅହିର୍ବୁଧ୍ନ୍ୟ ସଂହିତାରେ ଅଛି- ପରମ ବେଦଜ୍ଞ ଭଗବତ୍ ଭକ୍ତ ନୀତିନିଷ୍ଠ ଶ୍ରୀ ଯମୁନାଚାର୍ଯ୍ୟ ଭଗବାନଙ୍କୁ ଦେହ ଗେହ ଚୈତନ୍ୟ ଆଦି ସର୍ବସ୍ୱ ଅର୍ପଣ କରିଛନ୍ତି । ହେ ରଘୁନନ୍ଦନ । କାଳ, କର୍ମ, ଗୁଣ ଆଦିର ପ୍ରଭାବରୁ ମୁଁ ଯେଉଁଠି ଯେବେ ଯେଉଁ ଯୋନିରେ ଜନ୍ମ ନେବି, ସେ ସବୁ ଆଗକୁ ଆସିବାକୁ ଥିବା ସ୍ଥିତି ମୁଁ ନିଜର ଆତ୍ମ ସ୍ୱରୂପରେ ସବୁ ଦିନ ପରି ଆଜି ହିଁ ଆପଣଙ୍କର ଚରଣ କମଳରେ ସମର୍ପିତ କରି ଦେଉଛି । ଶରଣାଗତିର ଏହା ସର୍ବୋଚ୍ଚତମ ସୋପାନ । ଏ ଜନ୍ମରେ ମୁଁ ଆପଣଙ୍କ ଠାରେ ସମର୍ପିତ, କେବଳ ଏହା ନୁହେଁ, ଆଗକୁ ଯେତେ ଜନ୍ମ ମୋ ଭାଗ୍ୟରେ ଅଛି, ସେ ସବୁ ଜନ୍ମରେ ମଧ ମୁଁ ଆପଣଙ୍କ ପ୍ରପନ୍ନ ଅର୍ଥାତ୍ ପ୍ରତ୍ୟେକ ଜନ୍ମରେ ଶ୍ରୀରାମ ଚରଣାର ବିନ୍ଦରେ ଶରଣ ଗ୍ରହଣ କଥା ବାଞ୍ଛା ରଖିଛନ୍ତି ପ୍ରଖ୍ୟାତ ଯୋଗୀ ଭକ୍ତି ଯମୁନାଚାର୍ଯ୍ୟ । ପ୍ରପତ୍ତି ମନ୍ଦାକିନୀର ଅଜସ୍ର ପ୍ରବାହ ବୈଦିକ ଯୁଗରୁ ହିଁ ବିଶ୍ୱକୁ ଆପ୍ଲାବିତ୍ କରି ରଖିଛି । ଦେବଭାଷା ସଂସ୍କୃତଠାରୁ ଆରମ୍ଭ କରି ବିଶ୍ୱର କୋଣ ଅନୁକୋଣରୁ ବିଶେଷ କରି ଦେବଭୂମି ଭାରତବର୍ଷର ସମସ୍ତ ପ୍ରାକୃତ ଭାଷାରେ ରଚିତ ଭଜନ ଜଣାଣ ସମୂହ ଏବଂ ସ୍ତବ ଇତ୍ୟାଦି ଶରଣାଗତି କୈନ୍ଦ୍ରିକ । ଅତଏବ ଶରଣାଗତି ହିଁ ଭଗବଦ୍ ଭକ୍ତିର ଶ୍ରେଷ୍ଠତମ ସାଧନ, ଉଚ୍ଚତମ ପ୍ରକ୍ରିୟା ।

# ଘୁଙ୍ଗୁଡିରୁ ବର୍ତ୍ତିବାର ଉପାୟ

**ବି**ଶେଷଜ୍ଞଙ୍କ ମତରେ ଜଣେ ସୁସ୍ଥ ବ୍ୟକ୍ତି ଘୁଙ୍ଗୁଡି ମାରି ନ ଥାଏ । ଶାରୀରିକ ସମସ୍ୟା ଥିଲେ ଯେପରି ହୃଦଜନିତ ରୋଗ, ମାନସିକ ଚାପ, ନିଦ ଠିକ୍ ଭାବେ ନ ହେଉଥିଲେ ଇତ୍ୟାଦି କାରଣରୁ ଘୁଙ୍ଗୁଡି ଜଣେ ଲୋକ ମାରେ । ଅନ୍ୟ ଏକ ମୁଖ୍ୟ କାରଣ ହେଲା ମେଦବହୁଳତା ଓ ବର୍ଦ୍ଧିତ ବୟସ ।

ଅନୁସନ୍ଧାନରୁ ଜଣାପଡିଛି ଯେ ଅନେକ ପରିସ୍ଥିତିରେ ବେକ ଓ ଜିଭର ମାଂସପେଶୀ ଶିଥିଳ ହୋଇଯିବା କାରଣରୁ ଆମେ ଘୁଙ୍ଗୁଡି ମାରିଥାଉ । ନିୟମିତ ନିଦ ଔଷଧ ସେବନ କରୁଥିଲେ କିମ୍ବା ଅଧିକ ମାଦକଦ୍ରବ୍ୟ କାରଣରୁ ହିଁ ଏଭଳି ଅସୁବିଧା ଉପୁଜେ ।

ଏହା ସହ ଓଜନ ବଢ଼ିଲେ ଆମ ବେକପାଖର ଟିସୁର ଆକାର ବଢ଼ିଯାଏ, ଯାହା କାରଣରୁ ଶୋଇଲାବେଳେ ଆମେ ଘୁଙ୍ଗୁଡି ମାରିଥାଉ ।

ନାକ ବଙ୍କା ଥିଲେ ନଚେତ୍ ନାକ ଭିତରେ ଛୋଟ କଣିକା ଭର୍ତ୍ତି ହୋଇଥିଲେ ମଧ ଆମେ ଖୁବ୍ ଘୁଙ୍ଗୁଡି ମାରୁ ।

ଏଥିରୁ ରକ୍ଷା ପାଇବା ନିମନ୍ତେ ଅଲିଭ୍ ତେଲର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଏହି ତେଲରେ ଥିବା ଆଣ୍ଟିଫ୍ଲେମାରି ଗୁଣ ଘୁଙ୍ଗୁଡି ମାରିବାରେ ନିୟନ୍ତ୍ରଣ କରେ । ଦୈନିକ ରାତିରେ



ଶୋଇବା ପୂର୍ବରୁ ୧ ଚାମଚ ଅଲିଭ ତେଲ ପିଇ ଶୋଇଲେ ୧ ମାସ ମଧ୍ୟରେ ଘୁଙ୍ଗୁଡି ସମସ୍ୟାରୁ ମୁକ୍ତି ମିଳେ । ଆପଣ ୧ ଚାମଚ ଅଲିଭ ତେଲ ସହ ୧ ଚାମଚ ମହୁ ମିଶାଇ ମଧ ପିଇପାରିବେ ।

ଥଣ୍ଡା, ସର୍ଦ୍ଦିରୁ ରକ୍ଷା କରୁଥିବା ସୋରିଷ ତେଲର ମଧ ଅନେକ ଉପକାରିତାମାନ ଅଛି । ଦୈନିକ ରାତିରେ ଶୋଇବା ପୂର୍ବରୁ ସୋରିଷ ତେଲକୁ ନଖ ଉଷୁମ କରି ପୁରା ଶରୀରରେ ଭଲଭାବେ ମାଲିସ୍ କରନ୍ତୁ । ଘୁଙ୍ଗୁଡି ସମସ୍ୟାର ସମାଧାନ ଯଥାଶୀଘ୍ର ହୋଇଯିବ ।

ରାତ୍ରିଭୋଜନର ୨୦ ମିନିଟ୍ ପରେ ୧ ଗିଲାସ ନଖ ଉଷୁମ କ୍ଷୀରରେ ଚିମୁଟାଏ ଶୁଦ୍ଧ ହଳଦୀ ମିଶାଇ ପିଅନ୍ତୁ । ହଳଦୀରେ ମହଜୁଦ୍ ତତ୍ତ୍ୱମାନ ଘୁଙ୍ଗୁଡି ମାରିବା ବନ୍ଦ କରାଇଥାଏ ବୋଲି ବିଭିନ୍ନ ଅନୁସନ୍ଧାନରୁ ପ୍ରମାଣିତ ହୋଇଛି ।

ପ୍ରଚୁର ପରିମାଣରେ ପୋଷକତତ୍ତ୍ୱ ଭରପୂର ରସୁଣ ମଧ ଘୁଙ୍ଗୁଡି ମାରିବାରୁ ରକ୍ଷା କରେ । ସକାଳବେଳା ନଚେତ୍ ସନ୍ଧ୍ୟା ସମୟରେ ଗୋଟିଏ ପାଖୁଡା ରସୁଣକୁ ଚୋବାଇ ଖାଇଦିଅନ୍ତୁ । ୧ ସପ୍ତାହ ମଧ୍ୟରେ ଆପଣଙ୍କ ଘୁଙ୍ଗୁଡି ମରା ସମସ୍ୟାର ସମାଧାନ ହୋଇଯିବ ।

ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍ସ, ଲୌହ, କ୍ୟାଲସିୟମ ଓ ମ୍ୟାଗ୍ନେସିୟମ ଭରପୁର ଗୁଜୁରାତିର ମଧ ଘୁଙ୍ଗୁଡି ଉପରେ ପ୍ରଭାବ ରହିଛି । ଗୋଟିଏ ଗିଲାସ ପାଣିକୁ ଭଲଭାବେ ଫୁଟାଇ ସେଥିରେ ଗୋଟିଏ ଗୁଜୁରାତି ଛେଚି ପକାନ୍ତୁ । ପରେ ଚୁଲା ବନ୍ଦ କରି ପାଣିକୁ ଥଣ୍ଡା ହେବାକୁ ଦିଅନ୍ତୁ । ନଖ ଉଷୁମ ଥିବା ସମୟରେ ସେହି ପାଣି ପିଇବା ଉଚିତ । ନିୟମିତ ଏଇ ପାଣି ପିଇଲେ ଘୁଙ୍ଗୁଡି ସମସ୍ୟାର ସମାଧାନ ହୋଇଥାଏ ।

## ଭିଟାମିନ୍‌ରେ ଭରପୁର ବନ୍ଧାକୋବି

**ବ**ନ୍ଧାକୋବି ଏକ ଶୀତ ଦିନିଆ ପରିବା ହୋଇଥିଲେ ହେଁ, ଆଜିକାଲି ଏହା ପ୍ରାୟତଃ ୧୨ ମାସି ହୋଇଗଲାଣି । ଏହା ଭାରତରେ ପ୍ରଚୁର ପରିମାଣରେ ଚାଷ ହୋଇଥାଏ । ବନ୍ଧାକୋବିକୁ ଯେପରି ରାନ୍ଧିଲେ ମଧ ଏହା ସୁଆଦିଆ ଲାଗେ । ଏଥିରେ ପ୍ରଚୁର ପରିମାଣର ପୋଷକତତ୍ତ୍ୱ ରହିଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଲାଭଦାୟକ ।

ବନ୍ଧାକୋବିରେ ଭିଟାମିନ୍ ସି' ପ୍ରଚୁର ମାତ୍ରାରେ ରହିଥିବାରୁ ଏହା ବଢ଼ିର ଇମ୍ୟୁନି ସିଷ୍ଟମକୁ ମଜଭୂତ କରିଥାଏ ।

ଆଖି ପାଇଁ ବନ୍ଧାକୋବି ବଡ଼ ଉପକାରୀ । ଏହାକୁ ନିୟମିତ ଖାଇବା ଦ୍ୱାରା ବଡିରେ ବିଟା କେରୋଟିନ ବଢ଼ିଯାଇଥାଏ, ଯାହା ଆଖିକୁ ଠିକ୍ ରଖିଥାଏ ।

ବନ୍ଧାକୋବିରେ ସିନିଗ୍ରିନ, ଇଣ୍ଡୋଲ ଓ କାର୍ବିନୋଲ ଭଳି ପଦାର୍ଥ



ରହିଥିବାରୁ ଏହା କ୍ୟାନସରରୁ ରକ୍ଷା କରିବାରେ ସହାୟକ ହୋଇଥାଏ ।

ବନ୍ଧା କୋବିରେ ଗୋଲଟାମାଇନ ନାମକ ପଦାର୍ଥ ରହିଥାଏ ଯାହା ପେପ୍ଟିକ ଅଲସର ବିରୋଧୀ ହୋଇଥାଏ । ତେଣୁ ବନ୍ଧାକୋବି ଖାଇବା ଦ୍ୱାରା ଅଲସର ହେବାର ଆଶଙ୍କା କମ୍ ହୋଇଯାଏ ।

ବନ୍ଧାକୋବି ନିୟମିତ ଖାଉଥିବା ବ୍ୟକ୍ତିଙ୍କ ଓଜନ ସ୍ଥିର ରହିଥାଏ । ଏହାର ବଡ଼ କାରଣ ହେଲା ଏଥିରେ ଖୁବ୍ କମ୍ କ୍ୟାଲୋରି ରହିଛି । ବନ୍ଧାକୋବି ଖାଇବା ଦ୍ୱାରା ପେଟ ପୁରିଲା ପୁରିଲା ଲାଗେ । ଖାଦ୍ୟ ଆଗରେ ଥୁଆ ହୋଇଥିଲେ ବି ଖାଇବାକୁ ଇଚ୍ଛା ହୁଏନି । ଖାଦ୍ୟ କମ୍ ଖାଇବା ଯୋଗୁଁ ଓଜନ ମଧ କମିଯାଇଥାଏ । ତେଣୁ ବନ୍ଧାକୋବି ଓଜନ କମ୍ କରିବାର ଏକ ଭଲ ମେଡିସିନ କହିଲେ ଅତ୍ୟୁକ୍ତି ହେବନି ।

ପତ୍ରକୋବିରେ ବହୁଳ ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ ରହିଥିବାରୁ ଏହା ସ୍କିନକେୟାର ଭଳି କାର୍ଯ୍ୟ କରିଥାଏ । ଏହା ଆପଣଙ୍କ ସ୍କିନରେ ଚମକ ଆଣିଥାଏ ।

ପତ୍ରକୋବିରେ ଲାକ୍ଟିକ୍ ଏସିଡ୍ ଖୁବ୍ ଉତ୍ତମ ମାତ୍ରାରେ ରହିଥିବାରୁ ଏହା ମାଂସପେଶୀ ଯନ୍ତ୍ରଣାରୁ ରକ୍ଷା କରିଥାଏ ।

ଏଥିରେ ବହୁ ପରିମାଣର ପୋଷକ ତତ୍ତ୍ୱ ରହିଥିବା କାରଣରୁ ପାଚନ କ୍ରିୟା ଠିକ୍ ଭାବରେ ହୋଇଥାଏ ଏବଂ ପେଟ ମଧ ଠିକ୍ ରହିଥାଏ । ସବୁଠୁ ବଡ଼ କଥା ହେଲା ଯେଉଁମାନଙ୍କର କୋଷ୍ଠକାଠିନ୍ୟ ସମସ୍ୟା ରହିଛି ସେମାନଙ୍କ ପାଇଁ ବନ୍ଧାକୋବି ସମ୍ପୂର୍ଣ୍ଣ ଭଲ ।

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଗଜାମୁଗ

ଗଜାମୁଗରେ ଅନେକ ପୁଷ୍ଟିକର ଗୁଣ ଭରି ରହିଛି । ଏଥିରେ ମ୍ୟାଗ୍ନେସିୟମ, ଫସଫରସ ଏବଂ ଭିଟାମିନ୍ କେ, ବି, ସି, ଭିଟାମିନ୍ ବି-୬, କପର, ଫାଇବର ପ୍ରଚୁର ମାତ୍ରାରେ ଅଛି । ସକାଳୁ ବ୍ୟାୟାମ ସାରି ଏହାକୁ ଖାଇଲେ



ଫାଇଦା ମିଳିଥାଏ । ତେବେ ନିୟମିତ ଗଜାମୁଗ ଖାଇବା ଦ୍ୱାରା ତାହା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ । କେବଳ ସେତିକି ନୁହେଁ, ଡାଇବେଟିସ୍ ରୋଗୀଙ୍କ ପାଇଁ ଏହା ଆହୁରି ଉପକାରୀ । କାରଣ ଏହାକୁ ଖାଇଲେ ରକ୍ତରେ ଶର୍କରାର ପରିମାଣ ସନ୍ତୁଳିତ ରହିଥାଏ । ଗଜାମୁଗକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କଲେ ତାହା ହୃଦରୋଗ ଆଶଙ୍କାକୁ କେତେକାଂଶରେ ଦୂର କରିଥାଏ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସଦ୍ୟତମ ଗବେଷଣାରୁ ଜାଣି ପାରିଛନ୍ତି । ଖାଦ୍ୟରେ ଥିବା ପୋଷକ ତତ୍ତ୍ୱର ଅଭାବକୁ ଗଜାମୁଗ ପୂରଣ କରିଥାଏ । ଏକ କପ୍ ଗଜାମୁଗରେ ୩୪ ମାଇକ୍ରୋଗ୍ରାମ୍ ଭିଟାମିନ୍ କେ ଅଛି, ଯାହା ଅସ୍ଥିକୁ ମଜଭୁତ କରେ । ଗଜାମୁଗ ଖାଇବା ଦ୍ୱାରା ରକ୍ତଚାପ ନିୟନ୍ତ୍ରଣରେ ରହିଥାଏ ।

## ପାଚନ ତନ୍ତ୍ରକୁ ସୁସ୍ଥ ରଖେ ଗୁଜୁରାତି

**ଗୁ**ଜୁରାତି ଆମକୁ ବହୁ ରୋଗରୁ ସୁରକ୍ଷା ଦେଇପାରେ । ଆପଣ ଘରୋଇ ଉପଚାର ଭାବରେ ଗୁଜୁରାତିର ଉପଯୋଗ କରିପାରିବେ । ଗୁଜୁରାତି ପାଟିକୁ ସ୍ୱାଦିଷ୍ଟ ଲାଗୁଥିବା ବେଳେ ଏହାର ବହୁ ସ୍ୱାସ୍ଥ୍ୟପ୍ରଦ ଗୁଣ ମଧ ରହିଛି ।



ଯଦି ଆପଣଙ୍କ ମନ ପ୍ରାୟ ସମୟରେ ଉଦବେଳିତ ରହୁଛି ତେବେ ପ୍ରତିଦିନ ଦୁଇରୁ ତିନି ଥର ଗୁଜୁରାତି ଖାଆନ୍ତୁ । ଏହାଦ୍ୱାରା ଆପଣଙ୍କ ରକ୍ତଚାପ ସ୍ୱାଭାବିକ ରହିବ ଓ ମନ ଶାନ୍ତ ରହିବ ।

ଗୁଜୁରାତି ପାଚନ ସମ୍ବନ୍ଧୀୟ ସମସ୍ୟା ଦୂର କରିଥାଏ । ଯେଉଁମାନେ ପାଚନ କ୍ରିୟା ଜନିତ ସମସ୍ୟାର ସାମ୍ନା କରୁଛନ୍ତି ସେମାନଙ୍କ ପାଇଁ ଗୁଜୁରାତି ବରଦାନ ସଦୃଶ । ପ୍ରତିଦିନ ସକାଳେ ଗୁଜୁରାତିକୁ ପାଣିରେ ଫୁଟାଇ ପିଇବା ଦ୍ୱାରା ପାଚନ ତନ୍ତ୍ର ଜନିତ ସମସ୍ତ ସମସ୍ୟା ଅଚିରେ ଦୂର ହୋଇଥାଏ ।

ଗୁଜୁରାତିରେ ଆଣ୍ଟିଅକ୍ସିଡାଣ୍ଟ ରହିଛି । ଏହି କାରଣରୁ ଏହା ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ହୋଇଥାଏ । ଯେଉଁମାନେ ମଧୁମେହ ରୋଗରେ ପୀଡିତ ସେମାନଙ୍କ ପାଇଁ ଗୁଜୁରାତି ଖାଇବା ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ମଧୁମେହ ରୋଗୀ ଚା'ରେ ଗୁଜୁରାତି ପକାଇ ପିଇବା ଦ୍ୱାରା ଶରୀରରେ ଇନସୁଲିନ୍ ସ୍ତର ସ୍ୱାଭାବିକ ରହିଥାଏ ।

ଯଦି ଆପଣଙ୍କର କାଶ ହେଉଛି ତେବେ ରାତିରେ ଦୁଇରୁ ତିନି ଦିନ ପର୍ଯ୍ୟନ୍ତ ଉଷୁମ ପାଣିରେ ଗୁଜୁରାତି ଚୋବାଇ ଖାଇଲେ କାଶ ଖୁବ୍ ଶୀଘ୍ର ଠିକ୍ ହୋଇଯାଏ । ଗୁଜୁରାତି ଗରମ ସ୍ୱଭାବର ହୋଇଥିବାରୁ ଏହା ନିୟମିତ ଖାଇବା ଦ୍ୱାରା ଥଣ୍ଡା କାଶରୁ ମୁକ୍ତି ମିଳିଥାଏ ।

ଗୁଜୁରାତି ଓଜନ ହ୍ରାସ କରିବାରେ ମଧ ସହାୟକ ହୋଇଥାଏ । ଆପଣ ଗୁଜୁରାତି ପକାଇ ଖାଦ୍ୟ ପ୍ରସ୍ତୁତ କରନ୍ତୁ । ଗୁଜୁରାତିରେ ଥିବା ପୋଷକତତ୍ତ୍ୱ ଓଜନ ହ୍ରାସ କରିବାରେ ସହାୟକ ହୋଇଥାଏ ।

## ଓଜନ କମ୍ କରିବାର ଉପାୟ

**ଖା**ଦ୍ୟ ପାନୀୟରେ ନିୟନ୍ତ୍ରଣ ନ ରହିବା କାରଣରୁ ଓଜନ ବଢ଼ିବା ବର୍ତ୍ତମାନ ସମୟରେ ଅନ୍ୟତମ ପ୍ରମୁଖ ସମସ୍ୟା ଭାବେ ଦେଖା ଦେଇଛି । ଯୋଗ, ପ୍ରାଣାୟାମ, ପ୍ରାତଃଭ୍ରମଣ କରିବା ସହ ଜୀବନଶୈଳୀରେ ପରିବର୍ତ୍ତନ ଆଣିଲେ ଓଜନ ଶୀଘ୍ର କମ୍ ହୋଇଥାଏ ବୋଲି ବିଶେଷଜ୍ଞଙ୍କ ମତ ।

ଡାଏଟିଂ କଲେ କିମ୍ବା ଭୋକିଲା ରହିଲେ ଆପଣ ଓଜନ କମ୍ କରିବେ ସତ କିନ୍ତୁ ତାହା ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ । ସବୁବେଳେ ନିଜ ଖାଦ୍ୟର ପରିମାଣ ଉପରେ ଧ୍ୟାନ ଦିଅନ୍ତୁ । ପେଟ ଭର୍ତ୍ତି ଖାଇଲେ ଶୀଘ୍ର ଓଜନ ବଢ଼େ । ନିୟମିତ ଭାବେ ନିର୍ଦ୍ଦିଷ୍ଟ ସମୟରେ ସିଝା ଖାଦ୍ୟ ଖାଇଲେ ୨ ମାସ ମଧ୍ୟରେ ଆପଣଙ୍କ ଓଜନ କମିବା ନିଶ୍ଚିତ । ଏହା ସହ ବ୍ୟାୟାମ କରିବା ମଧ ଜରୁରୀ ।

ଆଜିକାଲି ଅଧିକାଂଶ ଡ୍ରାଏଫୁଡ୍ ଖାଉଛନ୍ତି । ଏସବୁ ଖାଦ୍ୟ ନିୟମିତ ଭାବେ ଖାଇପାରିଲେ ଭଲ କିନ୍ତୁ ସବୁଦିନ ଏହି ଭୋଜନ କରିବାକୁ ଇଚ୍ଛା ହୋଇ ନ ଥାଏ । ଏଣୁ ସଚେତନ ତଥା ସତର୍କ ହୋଇ ସହଜରେ ଉପଲବ୍ଧ ହେଉଥିବା ପନିପରିବା ତରକାରି ଖାଇବାର ଅଭ୍ୟାସ ରଖିବା ଉଚିତ ।

ବିଶେଷଜ୍ଞଙ୍କ ପରାମର୍ଶ ନେଇ ଖାଦ୍ୟ ତାଲିକା ପ୍ରସ୍ତୁତ କରନ୍ତୁ । ବାହାର ଖାଦ୍ୟ



ପରିବର୍ତ୍ତେ ଘରୋଇ ଖାଦ୍ୟ ଖାଇ ନିଜ ଓଜନକୁ ନିୟନ୍ତ୍ରଣରେ ଆଣିବାକୁ ଚେଷ୍ଟା କରନ୍ତୁ ।

ଗୋଟିଏ ଦିନରେ ଆପଣ ୧୦ ଗିଲାସ ପାଣି ପିଉଥିଲେ । ନୂତନ ଅଭ୍ୟାସରେ ୫ ଗିଲାସ ନଖ ଉଷୁମ ପାଣି ପିଇବା ଆରମ୍ଭ କରନ୍ତୁ । ଓଜନ କମ୍ ନିମନ୍ତେ ନଖଉଷୁମ ପାଣି ଖୁବ୍ ସହାୟକ । ସମୟକ୍ରମେ ପୁରା ଦିନ ଉଷୁମ ପାଣି ପିଇବା ସ୍ୱାସ୍ଥ୍ୟ ପାଇଁ ହିତକାରୀ ।

## ରାମକଥା



ଶ୍ରୀରାମ ସ୍ନାନ କରିବା ପାଇଁ ବାହାରିଲେ । ସେତେବେଳେ ସ୍ନାନାନ୍ତେ ପୀତାମ୍ବର ବଢ଼ାଇଦେବା ପାଇଁ ହନୁମାନ ବାହାରିଲେ । ଠିକ୍ ଏହି ସମୟରେ ସୀତା ସେଠାରେ ପହଞ୍ଚିଯାଇ କହିଲେ ହନୁମାନ ! ପୀତାମ୍ବର କାହିଁକି ଧରିଛ ? ଆଜିଠାରୁ ଏହି ସେବା ମୋର । ମୁଁ ପ୍ରଭୁଙ୍କ ହାତକୁ ପୀତାମ୍ବର ବଢ଼ାଇ ଦେବି । ଏହିଭଳି କେତେବେଳେ ସୀତା ତ ଆଉ କେତେବେଳେ ଲକ୍ଷ୍ମଣ କେତେବେଳେ ଭରତ ତ ଆଉ କେତେବେଳେ ଶତ୍ରୁଘ୍ନ ହନୁମାନଙ୍କୁ ଶ୍ରୀରାମଙ୍କ ସେବାରୁ ବାରଣ କରିବାରେ ଲାଗିଲେ । ହନୁମାନ ସେବାପାଇଁ ବାହାରିବା କ୍ଷଣି ଚାରିଜଣଙ୍କ ଭିତରୁ କେହି ଜଣେ ସେଠାରେ ଉପସ୍ଥିତ ହୋଇ ଯାଉଥିଲେ ।

ହନୁମାନ ତ ଶ୍ରୀରାମଙ୍କ ସେବା ନିମନ୍ତେ ହିଁ ଜୀବିତ ରହିଥାନ୍ତି । ପ୍ରକୃତ ବୈଷ୍ଣବ ଠାକୁରଙ୍କ ସେବା ନ କରିବା ପର୍ଯ୍ୟନ୍ତ ତାଙ୍କୁ ଭୋକ ହୁଏ ନାହିଁ । ପରମାତ୍ମାଙ୍କର ସେବା କରିବା ପୂର୍ବରୁ ତାଙ୍କର ପାଣି ପିଇବାକୁ ବି ଇଚ୍ଛା ହୁଏ ନାହିଁ । ସେବା ଓ ସ୍ମରଣ ପାଇଁ ଯିଏ ଜୀବିତ ରହିଥାଏ ସେ ହେଉଛି ବୈଷ୍ଣବ । ବେଶଭୂଷାରେ ବୈଷ୍ଣବ ହେବା ଟିକିଏ ସରଳ, ବୈଷ୍ଣବ ବୋଲି କହିବା ବି ସରଳ । କିନ୍ତୁ ବୈଷ୍ଣବ ହେବା ଅତି କଠିନ । ପ୍ରଭୁଙ୍କ ସେବା କ୍ଷଣମାତ୍ରକ ନ କଲେ ଯାହାକୁ ସୁଖ ଲାଗେନାହିଁ, ସେ ହିଁ ପ୍ରକୃତ ବୈଷ୍ଣବ ହୋଇଥାଏ । ଶ୍ରୀ ହନୁମାନ ହେଉଛନ୍ତି ଭକ୍ତି ସମ୍ପ୍ରଦାୟର ଆଚାର୍ଯ୍ୟ । ସେ ସମସ୍ତ ବୈଷ୍ଣବଙ୍କର ଆଚାର୍ଯ୍ୟ । ଶ୍ରୀରାମ ସେବା ହେଉଛି ତାଙ୍କର ଜୀବନ । ଶ୍ରୀରାମ ସେବା ବିନା ସେ ରହିପାରନ୍ତି ନାହିଁ ।

ହନୁମାନ ହାତଯୋଡ଼ି ସୀତାମାତାଙ୍କୁ କହିଲେ, ଆପଣମାନେ ଶ୍ରୀରାମଙ୍କ ସେବା କରିବାକୁ ମୋତେ ବାରଣ କାହିଁକି କରୁଛନ୍ତି ? ଆପଣମାନେ କ'ଣ ମୋ ଉପରେ ଅସନ୍ତୁଷ୍ଟ ? ମୋର କିଛି ଭୁଲ ହୋଇଯାଇଛି କି ? ସେବା କରିବା ପାଇଁ ମୋତେ ସୁଯୋଗ ଦେଉନାହାନ୍ତି କାହିଁକି ?

ସୀତା କହିଲେ ଭାଇ ! ଦେଖ ! ତିନି ଭାଇ ପ୍ରଭୁଙ୍କ ପାଖରେ ଆପତ୍ତି କରି ସେବା ନିମନ୍ତେ ଅନୁମତି ନେଇଛନ୍ତି ।

ହନୁମାନ ପଚାରିଲେ, ମୋ ପାଇଁ କିଛି ସେବାର ବ୍ୟବସ୍ଥା ଅଛି ନା ନାହିଁ ?

ସୀତା କହିଲେ, ତୁମ ପାଇଁ କୌଣସି ସେବାର ବ୍ୟବସ୍ଥା ରଖା ହୋଇନାହିଁ । ଆଜି ପର୍ଯ୍ୟନ୍ତ ତୁମେ ବହୁତ ସେବା କରିଛ । ତେଣୁ ତୁମକୁ ସେବାରୁ ବଞ୍ଚିତ କରା ହୋଇଛି । ଅମୁକ ସେବା ଭରତ କରିବେ, ଅମୁକ ଲକ୍ଷ୍ମଣଙ୍କର, ଅମୁକ ଶତ୍ରୁଘ୍ନଙ୍କର, ଆଉ ଏଇ ସବୁ ସେବା ମୁଁ ନିଜେ କରିବି ।

ସୀତା କହିଲେ, ଭାଇ ! ତୁମ ପାଇଁ କୌଣସି ସେବା ନାହିଁ । ତୁମେ ଯଦି ଚାହଁ ଏହି ସେବା କରିପାର । ସେ ହାଇ ମାରିବା ବେଳେ ତୁମେ ଫୁଟ୍‌କି ମାରିପାର । ହାଇ ଆସିବା ବେଳେ ଫୁଟ୍‌କି ମାରିବା ସନାତନ ଧର୍ମର ଏକ ମର୍ଯ୍ୟାଦା । ହାଇ ଆସିବା ଅର୍ଥାତ୍ ଆୟୁ ହ୍ରାସ ହେବା । ଫୁଟ୍‌କି ମାରି ପ୍ରଭୁଙ୍କୁ ସ୍ମରଣ କଲେ ଆୟୁ ହାନୀ ହୋଇ ନ ଥାଏ ।

ହନୁମାନଙ୍କୁ ଏପରି ଏକ ସେବା ମିଳିଯିବାରୁ ତାଙ୍କୁ ଭଲ ଲାଗିଲା । ଶ୍ରୀରାମଙ୍କୁ ହାଇ ମାଡ଼ିବା ବେଳେ ସେ ଫୁଟ୍‌କି ବଜାଇବେ ।

ଆଜି ପର୍ଯ୍ୟନ୍ତ ହନୁମାନ ଶ୍ରୀରାମଙ୍କ ଦରବାରରେ ଉପସ୍ଥିତ ରହି ପ୍ରଭୁଙ୍କ ପାଦରେ ଦୃଷ୍ଟି ଆବଦ୍ଧ କରି ରଖିଥିଲେ । ମୁହଁ ଉପରକୁ ଟେକି କେବେ ବି ପ୍ରଭୁଙ୍କ ମୁହଁକୁ ଚାହୁଁ ନ ଥିଲେ । ଦାସ୍ୟ ଭାବରେ ହୃଦୟ ଦୀନ ହୁଏ । ନିଜ ସ୍ୱାମୀଙ୍କ ମୁଖକୁ ଚାହିଁବା ପାଇଁ ଦାସ୍ୟଭାବର ଭକ୍ତଙ୍କର ସାହସ ହୁଏ ନାହିଁ । ସେ ଭାବ ମୁଁ ଜଣେ ସାଧାରଣ ସେବକ । ଦାସର ଦୃଷ୍ଟି ତ ସବୁବେଳେ ପ୍ରଭୁର ପାଦ କମଳରେ ରହିଥାଏ ନା । ଦାସ୍ୟ ଭକ୍ତି ଅଧିକାରୀ ମହାତ୍ମାଙ୍କୁ ପ୍ରାପ୍ତ ହୋଇଥାଏ । ଦାସ୍ୟ ଭକ୍ତିରେ ଚରଣଙ୍କୁ ଦୃଷ୍ଟି ପରିସରରେ ରଖିଥିବା ଉଚିତ । ବାତ୍ସଲ୍ୟ ଭାବରେ ମୁଖାରବିନ୍ଦ ଉପରେ ଦୃଷ୍ଟି ସ୍ଥିର ରଖିବାକୁ ହୋଇଥାଏ । ମର୍ଯ୍ୟାଦା ଭକ୍ତିରେ ଦାସ୍ୟ ଭାବ ହେଉଛି ମୁଖ୍ୟ । ଦାସ୍ୟ ଭକ୍ତିର ଆଚାର୍ଯ୍ୟ ହେଉଛନ୍ତି ଶ୍ରୀ ହନୁମାନ ।

--OO--

## ସମ୍ବାଦ ମଞ୍ଚରେ ଦୂରାବସ୍ଥାନ କର୍ମ ସଂସ୍କୃତି

**ଡକ୍ଟର ପ୍ରଦୀପ ମହାପାତ୍ର**
ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ମହାମାରୀ-ପର ପରିବର୍ତ୍ତିତ ପରିବେଶ 'ନ୍ୟୁ-ନରମାଲ'ରେ ସଂବାଦ ମଞ୍ଚଗୁଡ଼ିକର କାର୍ଯ୍ୟକ୍ଷେତ୍ର କେତେଦୂର ମହାମାରୀଜନିତ ଦୂରାବସ୍ଥାନ କର୍ମ ସଂସ୍କୃତି 'ରିମୋଟ ୱାର୍କିଂ' ଦ୍ୱାରା ପ୍ରଭାବିତ ହେବ ଆନ୍ତର୍ଜାତିକ ସ୍ତରରେ ଚର୍ଚ୍ଚାର ପରିସରକୁ ଆସିଥାଏ । ମହାମାରୀ କାଳରେ ଭୂତାଣୁ ସଂକ୍ରମଣ ପ୍ରତିରୋଧ ନିମନ୍ତେ ନିଜ ବାସସ୍ଥଳୀ ପରିବାର ସଦସ୍ୟଙ୍କ ବ୍ୟତୀତ ଅନ୍ୟମାନଙ୍କ ସହ ଚଳ ପ୍ରଚଳକୁ ବାରଣ କରାଯାଇଥିଲା । ଜନପଦ ବନ୍ଦ 'ଲକଡ଼ାଉନ' ଓ 'ସଟ ଡ଼ାଉନ' ଦୀର୍ଘ ସମୟ ଧରି ବଳବତ୍ତର ରହିଥିଲା । ଫଳରେ ବିଭିନ୍ନ ଶିଳ୍ପରେ ନିୟୋଜିତ ଶ୍ରମଶକ୍ତିଙ୍କୁ କାର୍ଯ୍ୟାଳୟରେ ସମବେତ ହେବା ବଦଳରେ ଇଣ୍ଟରନେଟ ଯୋଗାଯୋଗ ବ୍ୟବହାରରେ ବାସସ୍ଥଳୀରୁ କାର୍ଯ୍ୟ କରିବା ନିମନ୍ତେ ପ୍ରୋତ୍ସାହିତ କରାଯାଇଥିଲା । ଏହି ପ୍ରବାହରେ ସମ୍ବାଦ ମଞ୍ଚଗୁଡ଼ିକ ମଧ୍ୟ ସାମିଲ ହୋଇଥିଲେ ।

ବିଶ୍ୱବ୍ୟାପୀ ଉତ୍ପାଦନ, ବାଣିଜ୍ୟ, ପ୍ରଶାସନ ଓ ବିଭିନ୍ନ ସେବା ପରିଚାଳନାରେ ଡିଜିଟାଲ ରୂପାନ୍ତର ଅନ୍ତତଃପକ୍ଷେ ବିଗତ ତିନି ଦଶନ୍ଧି ଧରି ପ୍ରଖର ଗତି ଲକ୍ଷ୍ୟ କରାଯାଏ । ଗଣମାଧ୍ୟମରେ ମୁଦ୍ରଣ, ରେଡ଼ିଓ, ଟେଲିଭିଜନ ଓ ଚଳଚିତ୍ର ପ୍ରାୟତଃ ଡିଜିଟାଲ ସ୍ଥିତିରେ ପହଞ୍ଚି ସାରିଥିବା ସ୍ଥଳେ ବହୁଳ ପ୍ରସାରିତ ୱେବ ଓ ସୋସିଆଲ ମିଡ଼ିଆ ମୂଳତଃ ଡିଜିଟାଲ । ଡିଜିଟାଲ ପରିବେଶ ରିମୋଟ ୱାର୍କିଂ ପ୍ରଚଳନ ନିମନ୍ତେ ଅନୁକୂଳ । ଏହି କାରଣରୁ ସମାଜର ଅନ୍ୟାନ୍ୟ ଶିଳ୍ପ ତୁଳନାରେ ଗଣମାଧ୍ୟମ ମହାମାରୀ କାଳରେ ସର୍ବତ୍ର ରିମୋଟ ୱାର୍କିଂ ସାଧମତେ ଉପଯୋଗ ହୋଇଥିଲା । ବିକାଶଶୀଳ ରାଷ୍ଟ୍ର ତୁଳନାରେ ବିକଶିତ ରାଷ୍ଟ୍ରଗୁଡ଼ିକରେ ଡିଜିଟାଲ ସ୍ଥିତି ଉନ୍ନତ ଥିବା ହେତୁ ସେଠାରେ ରିମୋଟ ୱାର୍କିର ପ୍ରଭାବ ଅପେକ୍ଷାକୃତ ଅଧିକ ।

ଏହା ସତ୍ତ୍ୱେ ପ୍ରକାଶିତ ତଥ୍ୟ ଅନୁଯାୟୀ ଯୁକ୍ତରାଷ୍ଟ୍ର ଆମେରିକାରେ ମାତ୍ର ୩୫ ପ୍ରତିଶତ ଶ୍ରମଶକ୍ତି ମହାମାରୀକାଳରେ ରିମୋଟ ୱାର୍କିଂ ଧାରାରେ ସାମିଲ ଥିବା ଜଣାଯାଏ । ଭୂତାଣୁ ସଂକ୍ରମଣ ପ୍ରକୋପ କମିଆସିବା ପରେ ଅଗଷ୍ଟ ୨୦୨୧ ସୁଦ୍ଧା ଏହି ସଂଖ୍ୟା ୧୩ ପ୍ରତିଶତକୁ ଖସି ଆସିଥିଲା । ମହାମାରୀ ଅବସରରେ ପ୍ରବର୍ତ୍ତିତ ରିମୋଟ ୱାର୍କିଂ କର୍ମ ସଂସ୍କୃତି ମହାମାରୀ-ପର ଅବସ୍ଥାରେ କେଉଁରୂପ ଧାରଣ କରିବ ତାହାର ପୂର୍ବାନୁମାନ ନିମନ୍ତେ ବ୍ରିଟେନର 'ରଏଟର ଇନଷ୍ଟିଚିଉଟ ଫର ଷ୍ଟଡ଼ି ଅଫ ଜର୍ଣ୍ଣାଲିଜମ' ପକ୍ଷରୁ ମହାମାରୀ ପ୍ରସାରର ୧୮ ମାସ ପରେ ୨୦୨୧ ସେପ୍ଟେମ୍ବର ପହିଲାରୁ ୧୯ ତାରିଖ ମଧ୍ୟରେ ଏକ ସର୍ବେକ୍ଷଣ ଆୟୋଜନ ଏକ ଦୃଷ୍ଟି ଆକର୍ଷକ ପଦକ୍ଷେପ । ଏହି ଗବେଷଣାର ନିଷ୍କର୍ଷ ୨୦୨୧ ନଭେମ୍ବର ମାସରେ ପ୍ରକାଶିତ ହୋଇଥିଲା ।

ରଏଟର ଇନଷ୍ଟିଚ୍ୟୁଟ ସର୍ବେକ୍ଷଣରେ ୪୨ ଗୋଟି ରାଷ୍ଟ୍ରର ୧୩୨ ଜଣ ଗଣମାଧ୍ୟମ କର୍ମକର୍ତ୍ତା ଅଂଶ ଗ୍ରହଣ କରିଥିଲେ । ଏଥି ମଧ୍ୟରୁ ଅଧିକାଂଶ ୟୁରୋପୀୟ ଦେଶପୁଞ୍ଜ ଓ ମାର୍କିନ ମଧ୍ୟ ଓ ବୃହତ ସମ୍ବାଦ ମଞ୍ଚର ପ୍ରତିନିଧିତ୍ୱ କରିଥିଲେ ଏବଂ ୬୮ ପ୍ରତିଶତ ପୁରୁଷ ବର୍ଗ । ଏତଦ୍ ବ୍ୟତୀତ ନମୂନା ଚୟନ ନିମନ୍ତେ ନିର୍ଭରଯୋଗ୍ୟ 'ରେଣ୍ଡମ ସେମ୍ପଲିଂ' ପଦ୍ଧତି ମଧ୍ୟ ଅନୁସୃତ ହୋଇ ନଥିଲା । ଅତଏବ ସର୍ବେକ୍ଷଣରେ ସଂଗୃହୀତ ତଥ୍ୟ ସାର୍ବଜନୀନ ବିଚାର କରାଯାଇ ନ ପାରେ । ତେବେ ଗଣମାଧ୍ୟମର ଉଚ୍ଚବର୍ଗରେ ଯେଉଁ ପ୍ରବାହ ପ୍ରବାହିତ ତାହା ଭବିଷ୍ୟତରେ ବିଶ୍ୱବ୍ୟାପୀ ଉଣାଅଧିକ ଅନୁଭୂତ ହେବା ଯୁକ୍ତିଯୁକ୍ତ ।

ରଏଟର ଇନଷ୍ଟିଚିଉଟର ପ୍ରକାଶିତ ବିବରଣୀରେ ଦର୍ଶାଯାଇଛି ଯେ ୮୯ ପ୍ରତିଶତ ଗଣମାଧ୍ୟମ କର୍ମକର୍ତ୍ତା ମହାମାରୀ-ପର ପରିବେଶରେ କାର୍ଯ୍ୟକ୍ଷେତ୍ର ଓ ଦୂରାବସ୍ଥାନ ମଧ୍ୟବର୍ତ୍ତୀ ମିଶ୍ରିତ କର୍ମସଂସ୍କୃତି 'ଫ୍ଲେକ୍ସିବଲ ଏଣ୍ଡ ହାଇବ୍ରିଡ଼ ୱାର୍କିଂ' ପଦ୍ଧତିକୁ ଅଗ୍ରାଧିକାର ଦେବେ । ଅର୍ଥାତ ମହାମାରୀ-ପୂର୍ବ ଅବସ୍ଥାରେ କାର୍ଯ୍ୟାଳୟ ଗୁଡ଼ିକରେ ସମସ୍ତ ଗଣମାଧ୍ୟମ କର୍ମଚାରୀ ଏକତ୍ରିତ ହେଉଥିବା ପଦ୍ଧତି କ୍ରମଶଃ ଲୋପ ପାଇଯିବ । ପ୍ରକାଶକ ଓ ସମ୍ପାଦକମାନେ କାର୍ଯ୍ୟାଳୟରେ ଉପସ୍ଥିତି ବଦଳରେ କର୍ମଚାରୀଙ୍କ କାର୍ଯ୍ୟ ଦକ୍ଷତାକୁ ମାପକାଠି ରୂପେ ଗ୍ରହଣ କରିବେ ।

ଅବିଶ୍ୱସନୀୟ ଭାବେ ସର୍ବେକ୍ଷଣରେ ଅଂଶ ଗ୍ରହଣ କରିଥିବା ମାତ୍ର ନଅ ପ୍ରତିଶତ ଉଚ୍ଚବର୍ଗ ଗଣମାଧ୍ୟମର କର୍ମକର୍ତ୍ତା ମହାମାରୀ-ପୂର୍ବ କାର୍ଯ୍ୟାଳୟ ଭିତ୍ତିକ କର୍ମ ସଂସ୍କୃତି ବଜାୟ ରଖିବା ସପକ୍ଷରେ ଯୁକ୍ତି ବାଢ଼ିଥିଲେ । ଏହି ବର୍ଗରେ ରେଡ଼ିଓ ଓ ଟେଲିଭିଜନ ସଂସ୍ଥାଗୁଡ଼ିକର ପ୍ରତିନିଧିତ୍ୱ ଅଧିକ । ପ୍ରାୟ ୩୪ ପ୍ରତିଶତ ହାଇବ୍ରିଡ଼ ମଡ଼େଲ ନିଜ ଗଣମାଧ୍ୟମ ମଞ୍ଚରେ ଉପଯୋଗ କରି ସାରିଥିବା ସ୍ଥଳେ ୫୭ ପ୍ରତିଶତ ଏଥି ନିମନ୍ତେ ପ୍ରସ୍ତୁତି ଚଳାଇଥିବା ସୂଚିତ କରିଥିଲେ ।

ଗଣମାଧ୍ୟମ ପରିସରରେ କର୍ମଚାରୀଙ୍କ କର୍ମସ୍ଥଳୀ ପରିବର୍ତ୍ତନର ସୁଯୋଗ ଐତିହାସିକ । କୁହାଯାଏ ଯେ ରିମୋଟ ୱାର୍କିଂ ପ୍ରତିଭାଶାଳୀଙ୍କୁ ଆକୃଷ୍ଟ କରିପାରିବ । ଅପରପକ୍ଷେ କାର୍ଯ୍ୟାଳୟରେ ସାମୂହିକ ଉପସ୍ଥିତି ତୋଷାମଦକାରୀ ଓ ସାମନ୍ତବାଦୀ ଚିନ୍ତାଧାରାକୁ ଉତ୍ସାହିତ କରୁଥିବା ସ୍ଥଳେ ରିମୋଟ ୱାର୍କିଂ ଗୁଣାତ୍ମକ ସାମ୍ବାଦିକତାର ବିକାଶ ନିମନ୍ତେ ପ୍ରଶସ୍ତ କ୍ଷେତ୍ର ସୃଷ୍ଟି କରି ପାରିବା ସଂଭବ । ଉଚ୍ଚବର୍ଗର ପ୍ରକାଶନ ଗୁଡ଼ିକରେ କେତେକ ସାମ୍ବାଦିକ କାର୍ଯ୍ୟାଳୟ ପ୍ରତ୍ୟାବର୍ତ୍ତନ ନୀତିକୁ ବିରୋଧ କରୁଥିବା ସ୍ଥଳେ ନୂତନ ଭାବେ ନିଯୁକ୍ତ କର୍ମଚାରୀମାନେ ହାଇବ୍ରିଡ଼ ମଡ଼େଲକୁ ଗୁରୁତ୍ୱ ଦେଉଛନ୍ତି ।

ରଏଟର ଅଧ୍ୟୟନରୁ ଜଣାପଡ଼ିଛି ଯେ ବିକଶିତ ରାଷ୍ଟ୍ରଗୁଡ଼ିକର ଅଗ୍ରଣୀ ସମ୍ବାଦ ମଞ୍ଚଗୁଡ଼ିକ ମଧ୍ୟରୁ ୭୦ ପ୍ରତିଶତ କାର୍ଯ୍ୟାଳୟ ଓ ଦୂରାବସ୍ଥାନ ଉଭୟ ଉପଯୋଗରେ ମିଶ୍ରିତ କାର୍ଯ୍ୟପରିସର ପ୍ରବର୍ତ୍ତନ ନିମନ୍ତେ ଆଗ୍ରହୀ । ଅନେକ ମତ ପ୍ରକାଶ କରିଛନ୍ତି ଯେ ଅନଲାଇନ ଆଲୋଚନା ସାଧାରଣ ମୁହାଁମୁହିଁ ଆଲୋଚନାଠାରୁ ଅଧିକ ଫଳପ୍ରଦ । ଅନଲାଇନ ପରିବେଶ କମ ସମୟ ମଧ୍ୟରେ କେବଳ ଆବଶ୍ୟକୀୟ ବିଷୟ ତର୍ଜମାକୁ ଉତ୍ସାହିତ କରିଥାଏ । ରିମୋଟ ୱାର୍କିଂ ପଦ୍ଧତି ପ୍ରଚଳନ ଫଳରେ ଗଣମାଧ୍ୟମ ମଞ୍ଚଗୁଡ଼ିକ ଦୂର ଦୂରାନ୍ତରେ ବସବାସ କରୁଥିବା ପ୍ରତିଭାଙ୍କୁ ଆକର୍ଷଣ କରିପାରିବ ଏବଂ କେବଳ ନିଯୁକ୍ତ ସୃଜନ ଶିଳ୍ପୀଙ୍କ ବ୍ୟତୀତ ବହୁମୁଖୀ ପ୍ରତିଭାଧାରୀଙ୍କ ସେବା ଗ୍ରହଣର ସୁଯାଗ ସୃଷ୍ଟି ହୋଇପାରିବ । ଏତଦ୍ୱାରା ସୃଜନ ପ୍ରଯୋଜନା ଅର୍ଥନୀତିରେ ମଧ୍ୟ ସୁଧାର ଆସିବା ସମୀଚୀନ ।

ବିକଶିତ ରାଷ୍ଟ୍ରଗୁଡ଼ିକରେ ଗଣମାଧ୍ୟମ ପରିଚାଳନାରେ ସମ୍ଭାବ୍ୟ ପ୍ରବାହ ଭାରତରେ କେବଳ ଅତ୍ୟାଧୁନିକ କେତେଗୋଟି ମଞ୍ଚକୁ ବାଦଦେଲେ ଅନ୍ୟତ୍ର ପ୍ରଭାବହୀନ । କାରଣ ସ୍ଥାନୀୟ ସମ୍ବାଦ କର୍ମୀ ଓ ସମ୍ବାଦ ପ୍ରଯୋଜନା ଧାରା ସମ୍ପୃକ୍ତ । ଓଡ଼ିଶା ଭଳି ରାଜ୍ୟରେ ତ ଗଣମାଧ୍ୟମରେ ରିମୋଟ ୱାର୍କିଂ ସଂପୂର୍ଣ୍ଣ ଲକଡ଼ାଉନ କାଳରେ ବାଧବାଧକତାରେ ମାତ୍ର କିଛି କାଳ ନିମନ୍ତେ ଲାଗୁ କରାଯାଇଥିଲା । ତେବେ ନ୍ୟୁ-ନରମାଲ ପରିବେଶରୁ ସାମ୍ବାଦିକତାରେ ଗୁଣାତ୍ମକ ବିକାଶ ଓ ବ୍ୟାବସାୟିକ ଅଭିବୃଦ୍ଧି ଲକ୍ଷ୍ୟ ରଖିଥିବା ସମ୍ବାଦ ମଞ୍ଚଗୁଡ଼ିକର ଏଥିରୁ ଅନେକ ଶିଖିବାର ରହିଛି । ସମ୍ବାଦ ମଞ୍ଚ ସଂଖ୍ୟା ବୃଦ୍ଧି ଓ ସୋସିଆଲ ମିଡ଼ିଆର ବ୍ୟାପ୍ତିପରେ ପ୍ରତିଯାଗିତାର ସମ୍ମୁଖୀନ ହେବା ନିମନ୍ତେ ପ୍ରତିଭା ଅନ୍ୱେଷଣ ପ୍ରତ୍ୟେକଙ୍କ ନିମନ୍ତେ ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ । ଅନଲାଇନ ପରିବେଶ ଓଡ଼ିଶାରେ ମଧ୍ୟ ଉପଲବ୍ଧ ଥିବା ହେତୁ ସାମ୍ବିଧାନିକ ସାମ୍ବାଦିକ ଓ ମୁକ୍ତ ବୃତ୍ତିଧାରୀଙ୍କ ସେବା ସମନ୍ତ୍ର ବ୍ୟୟରେ ସଂଗ୍ରହ କରାଯାଇ ପାରିଲେ ସାମ୍ବାଦିକତାର ଗୁଣାତ୍ମକ ଅଭିବୃଦ୍ଧି ସଂଭବ ବୋଲି ବିଚାର କରାଯାଇ ପାରେ ।

## ରାଜମାର ଉପକାରିତା

ରାଜମାର ସ୍ୱାଦ ଖୁବ୍ ନିଆରା । ଏହା ଦେଖିବାକୁ ଲାଲ ରଙ୍ଗର କିଡନୀ ଆକୃତିର । ଭାରତୀୟ ଖାଦ୍ୟରେ ପ୍ରଚୁର ପରିମାଣରେ ବ୍ୟବହାର କରାଯାଉଥିଲେ ମଧ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଫଳପ୍ରଦ । ଏଥିରେ ପୋଟାସିୟମ୍, ମ୍ୟାଗ୍ନେସିୟମ ଓ ପ୍ରୋଟିନ୍ ଭରପୁର ମାତ୍ରାରେ ରହିଛି । ଏହା ବିଶେଷକରି ଶାକାହାରୀ ବ୍ୟକ୍ତିଙ୍କ ପାଇଁ ଖୁବ୍ ଉତ୍ତମ । ଏଥିରେ ପ୍ରଚୁର ପରିମାଣରେ ରୋଗ ପ୍ରତିରୋଧକ ଗୁଣ ବି ରହିଛି ।

ଶକ୍ତି ବଢ଼ାଏ: ରାଜମା ଖାଇବା ଫଳରେ ଶକ୍ତି ମିଳିଥାଏ । କାହିଁକି ନା ଏଥିରେ ଆଇରନ ଅଧିକ ମାତ୍ରାରେ ରହିଥାଏ । ଶରୀରରେ ମେଟାବଲିଜମ୍ ବଢ଼ାଇ ଥାଏ । ଶରୀର ଲାଗି ଆଇରନ ଖୁବ୍ ଆବଶ୍ୟକ । ଏହାକୁ ଖାଇବା ଫଳରେ ଶରୀରରେ ଅକ୍ସିଜେନର ପ୍ରବାହ ସୁଚାରୁ ରୂପରେ ହୋଇଥାଏ ।

ଓଜନ ନିୟନ୍ତ୍ରଣ ରଖେ: ରାଜମାରୁ ଉତ୍ତମ କ୍ୟାଲୋରି ମିଳିଥାଏ । ଏହାକୁ ସବୁ ବୟସର ବ୍ୟକ୍ତି ଖାଇ ପାରିବେ । ଓଜନ କମ୍ କରିବାକୁ ଚାହୁଁଥିବା ବ୍ୟକ୍ତି ରାଜମାକୁ ନିୟମିତ ଖାଦ୍ୟରେ ସାମିଲ କରିବା ଉଚିତ ।

ମଧୁମେହ ଲାଗି ହିତକର: ଏଥିରେ ଥିବା ଫାଇବର ଶରୀରରେ ମେଟାବଲିଜିମକୁ ଭଲ ରଖିଥାଏ । ଏହା କାର୍ବୋହାଇଡ୍ରେଟକୁ କମ୍ କରିଥାଏ, ଯାହାଦ୍ୱାରା ବ୍ଲଡ ସୁଗାର କମ୍ ରହେ ।

କୋଲେଷ୍ଟେରଲ କମ୍ କରେ: ରାଜମା ଶରୀରରେ କୋଲେଷ୍ଟେରଲ କମ କରିବାରେ ସହାୟକ ହୋଇଥାଏ । ଏଥିରେ ଥିବା ଫାଇବର କୋଲେଷ୍ଟେରଲକୁ ବଢ଼ିବାକୁ ଦେଇ ନ ଥାଏ ।

ବ୍ଲଡପ୍ରେସର କଣ୍ଟ୍ରୋଲ: ଏଥିରେ ରହିଥିବା ମ୍ୟାଗ୍ନେସିୟମ ଓ ପୋଟାସିୟମ ବ୍ୟତୀତ ପ୍ରୋଟିନ୍ ଓ ଫାଇବର ବ୍ଲଡ ପ୍ରେସରକୁ କଣ୍ଟ୍ରୋଲ କରିବା ସହିତ ହାର୍ଟବିଟ୍ ମଧ ନିୟନ୍ତ୍ରଣ କରିଥାଏ । ରାଜମା ହୃଦୟକୁ ସୁସ୍ଥ ରଖେ ।



ପ୍ରତିରକ୍ଷା ପ୍ରଣାଳୀ ସୁଦୃଢ଼ କରେ: ରାଜମାରେ ଫାଇବର ଓ ପ୍ରୋଟିନ୍ ରହିଥିଲେ ହେଁ, ଏଥିରୁ ଆଣ୍ଟିଅକ୍ସିଡାଣ୍ଟ ମଧ ମିଳିଥାଏ । ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଆମ ଶରୀରର ପ୍ରତିରକ୍ଷା ପ୍ରଣାଳୀକୁ ସୁଦୃଢ଼ କରିଥାଏ । ଯଦ୍ୱାରା ଶରୀରରେ ସଂକ୍ରମଣର ପ୍ରଭାବ ପଡ଼ି ନ ଥାଏ ।

କ୍ୟାନସରରୁ ରକ୍ଷା କରେ: ରାଜମାରେ ଥିବା ଆଣ୍ଟିଅକ୍ସିଡାଣ୍ଟ କ୍ୟାନସରରୁ ରକ୍ଷା କରିଥାଏ । ଏଥିରେ ଥିବା ଫ୍ରି ରେଡିକାଲ୍ସ କୋଷିକାକୁ ସୁରକ୍ଷିତ ରଖିଥାଏ, ଯାହାକି କ୍ୟାନସର ମୁଖ୍ୟ କାରଣ ।

ଶରୀରକୁ ସଫା କରେ: ରାଜମା ଖାଇବା ଫଳରେ ଶରୀର ଭିତରେ ଥିବା ସମସ୍ତ ବିଷାକ୍ତ ତତ୍ତ୍ୱ ବାହାରକୁ ବାହାର କରି ଦେଇଥାଏ । ମୁଣ୍ଡବିନ୍ଧା ଭଳି ଛୋଟ ସମସ୍ୟାକୁ ଦୂର କରି ଦେଇଥାଏ । ଏଥିସହିତ ପାଚନ କ୍ରିୟା ଭଲ ରହିଥାଏ ।

ମସ୍ତିଷ୍କ ସକ୍ରିୟ ରହେ: ରାଜମା ଖାଇବା ଫଳରେ ମସ୍ତିଷ୍କ ମଜଭୁତ ହୋଇଥାଏ, ସ୍ମୃତି ଶକ୍ତି ବଢ଼ିଥାଏ । ଏଥିରେ ଥିବା ଭିଟାମିନ୍ କେ' ମସ୍ତିଷ୍କ ପାଇଁ ଖୁବ୍ ଫଳପ୍ରଦ । ଏହା ବ୍ୟତୀତ ଏଥିରେ ଥିବା ମ୍ୟାଗ୍ନେସିୟମ ମାଇଗ୍ରେନର ସମସ୍ୟାକୁ ଦୂର କରିଥାଏ ।

ପ୍ରୋଟିନର ଭରପୁର ମାତ୍ରା: ରାଜମାରେ ଅଧିକ ମାତ୍ରାରେ ପ୍ରୋଟିନ ରହିଥାଏ । ଯେଉଁ ଲୋକ ଆମିଷ ନ ଖାଆନ୍ତି, ତାଙ୍କ ପାଇଁ ରାଜମା ଉପକାରୀ । ରାଜମା ଖାଇବା ଫଳରେ ଶାକାହାରୀଙ୍କୁ ପ୍ରଚୁର ପରିମାଣର ପ୍ରୋଟିନ ମିଳିଥାଏ ।

ଫାଇବର ଅଧିକ: ରାଜମାରେ ଫାଇବର ବହୁ ଅଧିକ ପରିମାଣର ରହିଛି, ଏହାକୁ ଖାଇବା ଫଳରେ ଅଧିକ ସମୟ ପର୍ଯ୍ୟନ୍ତ ଭୋକ ଲାଗି ନ ଥାଏ ଓ ଖାଦ୍ୟ ସହଜରେ ହଜମ ହୋଇଥାଏ ।

## ଆପଣ ଜାଣନ୍ତି କି ?

- ପ୍ରସିଦ୍ଧ ପୁସ୍ତକ 'ଉଇ ଦ ପିପୁଲ'ର ଲେଖକ ହେଉଛନ୍ତି ନନି ପାଲକିୱାଲା ।
- ଫରାସୀପ୍ରସିଦ୍ଧ ଔପନ୍ୟାସିକା ଏମିଲି ଜୋଲାଙ୍କ ପୁରାନାମ ଏମିଲି ଏଡ୍‌ୱାର୍ଡ ଆଣ୍ଟୋନି ଜୋଲା ।
- ଇଂରେଜ ଔପନ୍ୟାସିକ ତଥା କବି ଥୋମାସ୍ ହାର୍ଡିଙ୍କ ଜନ୍ମ ଜୁନ୍ ୨ ତାରିଖ ୧୮୪୦ ମସିହାରେ ଇଂଲଣ୍ଡର ଷ୍ଟାନ୍ସଫୋର୍ଡ ଠାରେ ହୋଇଥିଲା ।
- ଏରିକ୍‌ଆର୍ଥରବ୍ଲେୟାରଙ୍କ ପେନ୍ ନେମ୍ (କଲମ୍ ନାମ) ଜର୍ଜ ଓରୱେଲ ।
- ସ୍କଟିସ୍ ଔପନ୍ୟାସିକ ସାର ୱାଲଟର ସ୍କଟ୍‌ଙ୍କ ଜନ୍ମ ଅଗଷ୍ଟ ୧୫, ୧୭୭୧ ମସିହାରେ ଏଡିନବର୍ଗ ଠାରେ ହୋଇଥିଲା ।
- ମୁନସି ପ୍ରେମଚାନ୍ଦ ଭାବେ ଜଣାଶୁଣା ଭାରତୀୟ ଔପନ୍ୟାସିକ ପ୍ରେମଚନ୍ଦଙ୍କ ପ୍ରକୃତ ନାମ ଧନପତ ରାୟ ।
- ଫରବିଡ୍ଡେନ୍ ଭର୍ସେସ୍‌ର ଲେଖକ ଆରବୀୟ କବି ଅବୁ ନୁୱାସ୍ ଅଲ୍ ହସନ ଇବନ୍ ହନି ଏଲ୍ ହକ୍କାନି ।
- ପ୍ରସିଦ୍ଧ ବାଂଲାଦେଶୀ ଲେଖିକା ତସଲିମା ନାସାରିନ୍ ପେଶାରେ ଜଣେ ଡାକ୍ତରୀ ।
- ସୌର ମଣ୍ଡଳର ସୂର୍ଯ୍ୟଙ୍କ ଶକ୍ତିକୁ ମହାକର୍ଷଣ ଶକ୍ତି କୁହନ୍ତି ।
- ଉପଗ୍ରହ ଚନ୍ଦ୍ରର ନିଜର ଆଲୋକ ନାହିଁ ସେ ସୂର୍ଯ୍ୟଙ୍କ ଆଲୋକରେ ଆଲୋକିତ ।
- ସୂର୍ଯ୍ୟ ଓ ଚନ୍ଦ୍ର ମଧରେ ପୃଥିବୀ ରହିଲେ ସୂର୍ଯ୍ୟପରାଗ ହୁଏ ।

## ସୁନିଦ୍ରା ପାଇଁ କ'ଣ କରିବେ ?



ଦିନ ତମାମ ପରିଶ୍ରମ ଅନୁସାରେ ଆମକୁ ବିଶ୍ରାମର ଆବଶ୍ୟକତା ରହିଛି । ତେଣୁ ଜଣେ ବ୍ୟକ୍ତି ରାତିରେ ଅତିକମରେ ୬-୭ ଘଣ୍ଟା ଶୋଇବା ନିହାତି ଦରକାର । ହେଲେ ଅନେକ ଏପରି ସମୟ ନିର୍ଘଣ୍ଟକୁ ଅନୁସରଣ କରିପାରି ନ ଥାନ୍ତି । ତେବେ ଏପରି କେତେକ ଖାଦ୍ୟ ରହିଛି ଯାହା ସୁନିଦ୍ରା ପାଇଁ ସହାୟକ ହୋଇଥାଏ ।

ଚେରି: ଏହି ସୁସ୍ୱାଦୁ ଫଳ ଆମକୁ ସୁନିଦ୍ରା ପାଇଁ ସାହାଯ୍ୟ କରିଥାଏ । ଚେରିରେ ମେଲାଟୋନିନ୍ ଭରପୁର ଭାବରେ ଥାଏ । ଏହା ଶରୀରର ଆଭ୍ୟନ୍ତରିଣ ପ୍ରକ୍ରିୟା ନିୟନ୍ତ୍ରଣ କରିବା ସହ ନିଦ ଆସିବାରେ ସାହାଯ୍ୟ କରେ । ଚେରି ଜୁସ୍ ମଧ ଏ କ୍ଷେତ୍ରରେ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ ବୋଲି ଲଣ୍ଡନ ୟୁନିଭରସିଟିର ପୁଷ୍ଟିବିଜ୍ଞାନୀମାନେ ଏକ ଗବେଷଣାରୁ ଜାଣି ପାରିଛନ୍ତି ।

ଆଲମଣ୍ଡ: ଭଲ ନିଦ ପାଇଁ ଆଲମଣ୍ଡକୁ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ । ଏଥିରେ ଥିବା ମ୍ୟାଗ୍ନେସିୟମ ଭଲ ନିଦ ହେବାରେ ସାହାଯ୍ୟ କରେ । ଅନ୍ୟପକ୍ଷରେ ଏଥିରେ ଆଣ୍ଟି ଷ୍ଟ୍ରେସ୍ ଗୁଣ ଅଛି । ନିଜର ବ୍ରେକଫାଷ୍ଟରେ ଆଲମଣ୍ଡକୁ ସାମିଲ କରନ୍ତୁ । କ୍ଷୀର ପିଇବା ସମୟରେ ଖାଲି କ୍ଷୀର ନ ପିଇ ବାଦାମ କ୍ଷୀର ପିଅନ୍ତୁ ।

ଓଟସ୍: ଓଟସରେ ପୋଟାସିୟମ ସହ ଭରପୁର ମାତ୍ରାରେ ମ୍ୟାଗ୍ନେସିୟମ ରହିଛି । ଏହାକୁ ନିୟମିତ ଖାଇଲେ ତାହା ନିଦ୍ରାହୀନତା ସମସ୍ୟାକୁ କେତେକାଂଶରେ ଦୂର କରିଥାଏ । ଏହା ସହ ଓଟସରେ ଟ୍ରାଇପଟୋଫୋନ ନାମକ ତତ୍ତ୍ୱ ରହିଛି ଯାହା ଭଲ ନିଦ ହେବାରେ ସାହାଯ୍ୟ କରେ ।



## କହିପାରିବେ କି ?

(୧) ସୋମପୁରୀ ବିଶ୍ୱବିଦ୍ୟାଳୟର ସ୍ଥାପନା କିଏ କରିଥିଲେ ?
(୨) ଭାରତର କେଉଁ ରାଜ୍ୟରେ ବିଶ୍ୱର ସବୁଠାରୁ ବଡ଼ ଥୋରିୟମ୍ ଭଣ୍ଡାର ରହିଛି ?
(୩) ନାଗରହୋଲ୍ ଜାତୀୟ ଉଦ୍ୟାନ ଭାରତର କେଉଁ ରାଜ୍ୟରେ ରହିଛି ?
(୪) ପିଟ୍ୟୁଟାରି ଗ୍ରନ୍ଥି ମଣିଷ ଶରୀରର କେଉଁ ଅଂଶରେ ରହିଛି ?
(୫) ଲୋହିତ ରକ୍ତ କଣିକାର ଜୀବନକାଳ କେତେ ହୋଇଥାଏ ?
(୬) ରାଷ୍ଟ୍ରୀୟ ଗଣିତ ଦିବସ କେବେ ପାଳନ କରାଯାଏ ?
(୭) ଯକ୍ଷଗାନ କେଉଁ ପ୍ରଦେଶର ଲୋକ ନାଟକ ?
(୮) ଭାରତର କେଉଁ ସହରକୁ ପ୍ରଥମେ ବିଦ୍ୟୁତ୍ ଯୋଗାଣ ହୋଇଥିଲା ?
(୯) ବ୍ୟାଙ୍କ ଅଫ୍ ଇଣ୍ଡିଆ କେଉଁ ମସିହାରେ ସ୍ଥାପନା କରାଯାଇଥିଲା ?
(୧୦) ରାମାୟଣର ଅନ୍ତିମ କାଣ୍ଡର ନାମ କ'ଣ ?

### JUMBLE WORDS

| | | | |
|---|---|---|---|
| 1) FJYIF | = | 6) ECAPE | = |
| 2) TUHMO | = | 7) GHALEG | = |
| 3) OIRRRM | = | 8) RAAATV | = |
| 4) CRUPES | = | 9) CRILY | = |
| 5) CUHNM | = | 10) SEYMS | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ଶାନ୍ତିବନ, ୨.ଉତ୍ତରାଖଣ୍ଡ, ୩.ଉସ୍ତାଦ ମନସୁର, ୪.ଶ୍ୟାମ ଲାଲ୍ ଗୁପ୍ତା, ୫.ହସ୍ତିନାପୁର, ୬. ଛତିଶଗଡ଼, ୭. ୨୫ ଅପ୍ରେଲ, ୮.କାଞ୍ଚନଜଙ୍ଘା, ୯.ଜେଫ୍ ବେଜୋସ୍, ୧୦.ବ୍ରହ୍ମପୁର ।

***Jumble Words* ର ଉତ୍ତର :-**

(1) SHRANK (2) CATNIP (3) LOCAL (4) MERGE (5) SPRUNG (6) NIBBLE (7) PIXEL (8) RIVER (9) FEWEST (10) NONFAT

# ମହାପୁରୁଷମାନଙ୍କ ଜୀବନର...

ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

ସଚ୍ଚୋଟତା ଯାହାଙ୍କ ହୃଦୟରେ ବସିଥିଲା, ଯିଏ ଭଳିକିଭଳି ଆବରଣ ଘୋଡ଼େଇ ନ ହୋଇ ସତ୍ୟର ସହିତ ଦୁନିଆରେ ଆଗକୁ ବଢ଼ିଥିଲେ, ସେ ହେଉଛନ୍ତି ବ୍ରିଟେନର ଚର୍ଚ୍ଚିତ ପପ ଷ୍ଟାର ସାର୍ କ୍ଲିଫ୍ ରିଚର୍ଡ । ଡିସେମ୍ବର ୧୯୯୯ ରେ ଏକ ସର୍ବେକ୍ଷଣ ସମୟରେ ତାଙ୍କୁ ଦୁନିଆର ସବୁଠାରୁ ଚର୍ଚ୍ଚିତ ଖ୍ରୀଷ୍ଟିଆନ ରୂପେ ଚିହ୍ନିତ କରାଯାଇଥିଲା ।

ସର୍ବେକ୍ଷଣରୁ ଜଣାପଡିଲା ଯେ ସାର କ୍ଲିଫ୍ ରିଚର୍ଡଙ୍କୁ ଲୋକେ ପୋପ ଜନ ପଲ ଦ୍ୱିତୀୟଙ୍କ ଠାରୁ ବି ଅଧିକ ଜାଣନ୍ତି । କ୍ଲିଫଙ୍କ ଜନ୍ମ ଭାରତରେ ଉତ୍ତର ପ୍ରଦେଶର ରାଜଧାନୀ ଲକ୍ଷ୍ନୌଠାରେ ହୋଇଥିଲା, ତାଙ୍କର ପ୍ରକୃତ ନାମ ହ୍ୟାରି ଓ୍ୱେବ ଥିଲା, କିନ୍ତୁ ଲକ୍ଷ୍ନୌରେ ଥିବା ବେଳେ ସେ ହୀରନ ବବ ରୂପେ ପ୍ରସିଦ୍ଧ ହୋଇଥିଲେ ।

ଦୁନିଆର ସବୁଠାରୁ ପ୍ରସିଦ୍ଧ ଖ୍ରୀଷ୍ଟିଆନ ରୂପେ ଖ୍ୟାତି ଲାଭ କରିବା ପରେ ଯେତେବେଳେ ତାଙ୍କୁ ବି.ବି.ସି.ସି.ର ଜଣେ ସାମ୍ବାଦିକ ପ୍ରଶ୍ନ କଲା ଯେ ତାଙ୍କୁ ଜଣେ ମହାନ୍ ଖ୍ରୀଷ୍ଟିଆନ ହେବାର ପ୍ରେରଣା କେଉଁଠୁ ମିଳିଲା ? ତ ସେ କହିଲେ ମୁଁ ଖ୍ରୀଷ୍ଟିଆନ ପ୍ରାର୍ଥନାଗୁଡିକର ମାନବିକତାକୁ ପିଲାଦିନେ ହିନ୍ଦୁ ମନ୍ଦିର ଗୁଡିକରୁ ଗ୍ରହଣ କରିଥିଲି । ଯଦ୍ୟପି ପରେ ଏ ଉପରେ ବହୁତ ବିବାଦ ହେଲା, ତଥାପି ସେ ନିଜ କଥାରେ ଅଟଳ ରହିଲେ ।

ଦୁନିଆର ମହାନ୍ ଲୋକେ କେବଳ ନିଜର ବିଶେଷ ସଫଳତା ସମ୍ବନ୍ଧରେ ହିଁ ମହାନ୍ ହୋଇ ନ ଥାନ୍ତି, ବରଂ ସେମାନଙ୍କ ଜୀବନର ପ୍ରତ୍ୟେକ ପଦକ୍ଷେପ ସେମାନଙ୍କର କୌଣସି ନା କୌଣସି ବିଶେଷତା, ସେମାନଙ୍କର ମହାନତା ବଖାଣି ଥାଏ । ଏହି କ୍ରମରେ ଜଣେ ବ୍ୟକ୍ତି ହେଉଛନ୍ତି ଇସ୍ରାଏଲର ସବୁଠାରୁ କମ୍ ବୟସର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ ।

ଥରେ ତାଙ୍କ କାର୍ଯ୍ୟକାଳ ସମୟରେ ୟୁଗାଣ୍ଡାରେ ଇସ୍ରାଏଲ ବିମାନର ଅପହରଣ କରି ନିଆଗଲା । ଇସ୍ରାଏଲ ଅପହରଣକାରୀଙ୍କ ଠାରୁ ବନ୍ଧକମାନଙ୍କୁ ମୁକୁଳାଇବା ପାଇଁ କମାଣ୍ଡୋ କାର୍ଯ୍ୟାନୁଷ୍ଠାନ କଲା ଏବଂ ଏଥିରେ ତାଙ୍କ ବଡ଼ ଭାଇ ଜୋନାଥନଙ୍କର ମୃତ୍ୟୁ ହୋଇଗଲା କିନ୍ତୁ ଯେତେବେଳେ କମାଣ୍ଡୋ କାର୍ଯ୍ୟାନୁଷ୍ଠାନ ସଫଳ ହେଲା ଓ ବିମାନକୁ ୟୁଗାଣ୍ଡାରୁ ଇସ୍ରାଏଲ ଅଣାଗଲା ତ ସେ ଏହି କାର୍ଯ୍ୟାନୁଷ୍ଠାନରେ ମୃତ୍ୟୁବରଣ କରିଥିବା ବିମାନ ବନ୍ଦରର ଜଣେ କର୍ମଚାରୀକୁ ସର୍ବପ୍ରଥମେ ନିଜର କାନ୍ଧରେ ବୋହିଲେ ଓ ତାକୁ ସାଲ୍ୟୁଟ କଲେ । ସେ କେବେ ଏହି କାର୍ଯ୍ୟାନୁଷ୍ଠାନରେ ନିଜ ଭାଇ ଓ ପରେ ଆତଙ୍କବାଦ ବିରୁଦ୍ଧରେ ଲଢ଼ି ନିଜର ପ୍ରାୟ ପୂରା ପରିବାରର ବଳିଦାନକୁ ଭୋଟ ହାସଲ ପାଇଁ ନିର୍ବାଚନୀ ପ୍ରସଙ୍ଗ କରି ନ ଥିଲେ ।

ପ୍ରସିଦ୍ଧ ଅର୍ଥଶାସ୍ତ୍ରୀ ଅମର୍ତ୍ତ୍ୟ ସେନ ମଧ ମହାନ୍ ଲୋକମାନଙ୍କ ମଧରୁ ଜଣେ । ମାତ୍ର ୨୩ ବର୍ଷ ବୟସରେ ଯେବେ ତାଙ୍କୁ ଯାଦବପୁର ବିଶ୍ୱବିଦ୍ୟାଳୟରେ ଅର୍ଥଶାସ୍ତ୍ରର ପ୍ରମୁଖ କରାଗଲା ତ ତାଙ୍କର ବରିଷ୍ଠମାନେ ପ୍ରବଳ ଅସନ୍ତୋଷ ବ୍ୟକ୍ତ କଲେ, କିନ୍ତୁ ବିଶ୍ୱିଦ୍ୟାଳୟରେ ସେ ସମୟର ତତ୍କାଳୀନ କୁଳାଧିପତି କହିଥିଲେ ଯେ ଅମର୍ତ୍ତ୍ୟ ସେନ ଜୀବନରେ ବହୁତ ଆଗକୁ ଯିବେ ଏବଂ ପରେ ଏହିପରି ହେଲା ମଧ । ୧୯୯୮ ମସିହାରେ ଅର୍ଥଶାସ୍ତ୍ରର ନୋବେଲ ପୁରସ୍କାର ପାଇଥିବା ଅମର୍ତ୍ତ୍ୟ ସେନ ଦିଲ୍ଲୀ ସ୍କୁଲ ଅଫ୍ ଇକୋନୋମିକ୍ସ ଓ ଲଣ୍ଡନ ସ୍କୁଲ ଅଫ୍ ଇକୋନୋମିକ୍ସରେ ପଢ଼ାଇ ଥିଲେ । ସେ ଟ୍ରିନିଟି କଲେଜ, କେମ୍ବ୍ରିଜ ର ପ୍ରଥମ ଅଣବ୍ରିଟିଶ ପ୍ରମୁଖ ହେଲେ । ଜୀବନରେ ଅନେକ ଉଚ୍ଚ ସଫଳତା ଓ ଯଶ ସମ୍ମାନ ପାଇବା ସତ୍ତ୍ୱେ ସେ ପ୍ରତିବର୍ଷ ଶାନ୍ତିନିକେତନକୁ ଆସନ୍ତି କାରଣ ସେ ଏଠାରେ ପୋଷିତ ହୋଇ ବଢ଼ିଥିଲେ ଓ ଶିକ୍ଷିତ ହୋଇଥିଲେ । ଏଠାକୁ ଆସି ସେ ନିଜର ସେହି ପୁରୁଣା ଜୀବନ ବିତାନ୍ତି, ଯେତେବେଳେ ସେ ନିଜ ଜୀବନରେ କିଛି ନ ହୋଇ ଅନ୍ୟ ଲୋକଙ୍କ ପରି ଜଣେ ସାଧାରଣ ବ୍ୟକ୍ତି ଥିଲେ । ମହାନତା କେବେହେଲେ ସଫଳତା, ଯଶ ସମ୍ମାନ ଓ ପ୍ରତିଷ୍ଠାର ଆଶ୍ରିତ ହୋଇ ନ ଥାଏ । ମହାନତା ତ ବ୍ୟକ୍ତିର ସରଳତାରେ ନିହିତ ଥାଏ । ତା'ର ବିଚାରରେ ବସିଥାଏ ଓ ତା'ର ବ୍ୟବହାରରେ ଝଲକି ଥାଏ । ଯେଉଁ ବ୍ୟକ୍ତି ପରପୀଡ଼ା ପ୍ରତି ଯେତେ ସମ୍ବେଦନଶୀଳ ହୋଇଥାଏ ସେ ସେତେ ମହାନ୍ ହୋଇଥାଏ । ଯେଉଁ ବ୍ୟକ୍ତି ଯେତେ ଅହଂକାର ଶୂନ୍ୟ ହୋଇଥାଏ, ସେ ସେତେ ମହାନ୍ ହୋଇଥାଏ ଏବଂ ଯେଉଁ ବ୍ୟକ୍ତି ଯେତେ ସରଳ ସହଜ ଓ ସତ୍ୟର ପକ୍ଷଧର ହୋଇଥାଏ ସେ ସେତେ ମହାନ୍ ହୋଇଥାଏ ।

# ଈଶ୍ୱରଙ୍କ ଶରଣାଗତି...

ପଞ୍ଚମ ପୃଷ୍ଠାର ଅବଶିଷ୍ଟାଂଶ

ସେତେବେଳେ ନାରଦ ତାଙ୍କୁ ବୁଝାଇ କହିଲେ ପୁତ୍ର ! ତୁମର ବିମାତା ତୁମକୁ ପିତାଙ୍କ କୋଳରୁ ଓହ୍ଲାଇ ଦେଇ ପାରନ୍ତି, କିନ୍ତୁ ଯଦି ତୁମେ ପରମପିତାଙ୍କ ଶରଣକୁ ଯାଇ ପରମପିତାଙ୍କ କୋଳରେ ବସିଯିବ ତ ତାଙ୍କ କୋଳରୁ ତୁମକୁ କେହି ଓହ୍ଲାଇ ପାରିବେ ନାହିଁ: କାରଣ ସେ ସମସ୍ତଙ୍କର ପିତା । ସେ ପରମପିତା ଅଟନ୍ତି । ସମ୍ଭବ ହେଲେ ତୁମେ ଭଗବାନ ଶ୍ରୀ ବିଷ୍ଣୁଙ୍କ ଚତୁର୍ଭୁଜ ରୂପକୁ ନିଜ ହୃଦୟ କମଳରେ ଧାନ କର । ଦିନେ ତୁମ ଉପରେ ପ୍ରଭୁଙ୍କର ଅବଶ୍ୟ କୃପା ହେବ ।

ନାରଦ କହିବାରୁ ବାଳକ ଧ୍ରୁବ ସେପରି ହିଁ କଲେ । ସେ ନିଜର ଘର ତ୍ୟାଗ କରି ଭଗବାନ ଶ୍ରୀହରିଙ୍କ ଧାନ କରିବାରେ ଲାଗିଲେ ଏବଂ ଶେଷରେ ତାଙ୍କର ସଚ୍ଚା ଭକ୍ତିକୁ ଦେଖି ପ୍ରଭୁ ପ୍ରକଟ ହେଲେ ଓ ତାଙ୍କୁ ହୃଦୟରେ ଲଗାଇଲେ । ବାଳକ ପ୍ରହ୍ଲାଦ ମଧ ନିଜର ଭକ୍ତି ଦ୍ୱାରା ହିଁ ପ୍ରଭୁଙ୍କୁ ପ୍ରସନ୍ନ କରିଥିଲେ । ଆମକୁ ସାରା ସଂସାର ଠୋକର ମାରିଦେଲେ ବି, ସଂସାରରେ ନିଜର କୌଣସି ସହାୟକ ଆଶ୍ରୟଦାତା ନ ରହିଲେ ବି ଆମ ପାଇଁ ପ୍ରଭୁ ଅଛନ୍ତି, ସେ ଅନାଥର ନାଥ । ତାଙ୍କର ସହାୟତା ଆଶ୍ରୟ ତ ଆମ ପାଇଁ ବାକି ଅଛି । ଏଣୁ ଆମେ ହତାଶ ନିରାଶ କାହିଁକି ହେବା ? ଦୁଃଖର ଆବେଗରେ ଆସି ଆମେ କୌଣସି ଭୁଲ ପଦକ୍ଷେପ କାହିଁକି ନେବା ? ଆମେ ମରିଯିବା, ଆତ୍ମହତ୍ୟା କରିଦେବାର କଥା ଚିନ୍ତା କରି ଏକ ଦୁର୍ଲଭ ମାନବ ଜୀବନକୁ ନଷ୍ଟ କରିବାର ପାପ କାହିଁକି କରିବା ? ଦୁନିଆ ଆମ ସାଙ୍ଗରେ ନ ରହିଲେ କ'ଣ ହେଲା, ପ୍ରଭୁ ତ ଆମ ସହିତ ଅଛନ୍ତି । ଆମକୁ ପ୍ରଭୁଙ୍କ ସହାୟତା ତ ମିଳି ପାରିବ । ଆମେ ଯେପରି ହୋଇଥିଲେ ବି କରୁଣାନିଧାନ ପ୍ରଭୁ ଆମକୁ ଅବଶ୍ୟ ନିଜର କରିନେବେ ଏଭଳି ସଚ୍ଚା ଭାବନାର ସହିତ ଯଦି ଆମେ ପ୍ରଭୁଙ୍କ ଚରଣରେ ସମର୍ପଣ କରିଦେବା ତ ପ୍ରଭୁ ଆମକୁ ଅବଶ୍ୟ ଆପଣାର କରିନେବେ । ଯେତେବେଳେ ଭରପୁର ସଭାରେ ରାବଣ ବିଭୀଷଣଙ୍କୁ ଲାତ ମାରି, କଠୋର କଥା କହି ଅପମାନିତ କଲା ତ ବିଭୀଷଣଙ୍କ ପାଖରେ ପ୍ରଭୁଙ୍କ ଶରଣକୁ ଯିବା ବ୍ୟତୀତ ଅନ୍ୟ କୌଣସି ଉପାୟ ନ ଥିଲା । ସେ ମନେ ମନେ ସଂକଳ୍ପ କରିନେଲେ ଯେ ଏବେ ମୋତେ ପ୍ରଭୁ ଶ୍ରୀରାମଙ୍କ ଶରଣ ଯିବାକୁ ହେବ । ସେ ଲଙ୍କାରେ ସୁଖ ବୈଭବ, ଦୁଷ୍ଟମାନଙ୍କ ସଙ୍ଗ ତ୍ୟାଗ କରି ସମୁଦ୍ର କୂଳରେ ବସିଥିବା ପ୍ରଭୁ ଶ୍ରୀରାମଙ୍କୁ ଭେଟିବା ପାଇଁ ଚାଲିଗଲେ ।

ସେ ରାସ୍ତାରେ ଚାଲୁଥିବା ବେଳେ ମନେ ମନେ ପ୍ରଭୁଙ୍କ ସୁନ୍ଦର ଛବିର କଳ୍ପନା କରି କରି ଯାଉଥିଲେ । ସେ କଳ୍ପନା କରୁଥିଲେ ଯେ ମୁଁ ଯାଇ ଭଗବାନଙ୍କ କୋମଳ ଓ ଲାଲ ବର୍ଣ୍ଣର ସୁନ୍ଦର ଚରଣ କମଳର ଦର୍ଶନ କରିବି, ଯିଏ ସେବକମାନଙ୍କୁ ସୁଖ ପ୍ରଦାନ କରିଥାନ୍ତି, ଯେଉଁ ଚରଣର ସ୍ପର୍ଶ ପାଇ ଋଷିପତ୍ନୀ ଅହଲ୍ୟା ତରିଗଲେ ଏବଂ ଯାହା ଦଣ୍ଡକ ଅରଣ୍ୟକୁ ପବିତ୍ର କରିଦେଲା । ଯେଉଁ ଚରଣକୁ ମାଆ ଜାନକୀ ହୃଦୟରେ ଧାରଣ କରିଛନ୍ତି ଏବଂ ଯେଉଁ ଚରଣକମଳ ସାକ୍ଷାତ ଶିବଙ୍କ ହୃଦୟ ରୂପୀ ସରୋବରରେ ବିରାଜିତ ମୋର ଅହୋଭାଗ୍ୟ ଯେ ଆଜି ମୁଁ ତାହାକୁ ଦେଖିବି ।

ସେ ପ୍ରଭୁ ଶ୍ରୀରାମଙ୍କ ନିକଟରେ ପହଞ୍ଚିବା ମାତ୍ରେ ଭଗବାନଙ୍କ ସ୍ୱରୂପକୁ ଦେଖି ତାଙ୍କ ନେତ୍ର ସଜଳ ହୋଇଗଲା ଓ ତାଙ୍କ ଶରୀର ଅତ୍ୟନ୍ତ ପୁଲକିତ ହୋଇଗଲା । ପୁଣି ମନରେ ଧୈର୍ଯ୍ୟ ଧାରଣ କରି ସେ ଭଗବାନଙ୍କୁ କହିଲେ- 'ହେ ନାଥ ! ମୁଁ ରାବଣର ଭାଇ । ରାକ୍ଷସ କୁଳରେ ମୋର ଜନ୍ମ ହୋଇଛି । ମୋର ଶରୀର ତାମସିକ, ସ୍ୱଭାବରେ ମୋତେ ପାପ ପ୍ରିୟ, ଠିକ୍ ଯେପରି ପେଚାକୁ ଅନ୍ଧକାର ପ୍ରିୟ ଲାଗିଥାଏ । ମୁଁ ଆପଣଙ୍କର ସୁଯଶ ଶୁଣି ଆସିଛି ଯେ ପ୍ରଭୁ ଜନ୍ମ ମରଣର ଭୟ ନାଶକାରୀ ଅଟନ୍ତି, ସେ ଦୁଃଖୀମାନଙ୍କ ଦୁଃଖ ଦୂରକାରୀ ଓ ଶରଣାଗତଙ୍କୁ ସୁଖ ପ୍ରଦାନକାରୀ ଅଟନ୍ତି । ଶ୍ରୀ ରଘୁବୀର ! ମୋତେ ରକ୍ଷା କରନ୍ତୁ । ରକ୍ଷା କରନ୍ତୁ ।

ମାନସକାରୀଙ୍କ ଅନୁସାରେ ପ୍ରଭୁ ତାଙ୍କୁ ଏପରି କହି ଦଣ୍ଡବତ କରିବାରେ ଦେଖି ଅତ୍ୟନ୍ତ ହର୍ଷିତ ହୋଇ ଉଠିଲେ । ବିଭୀଷଣଙ୍କ ଦୀନ ବଚନ ପ୍ରଭୁଙ୍କ ମନକୁ ବହୁତ ପସନ୍ଦ ଲାଗିଲା । ସେ ନିଜର ବିଶାଳ ଭୁଜାରେ ତାଙ୍କୁ ଧରି ହୃଦୟରେ ଲଗାଇ ନେଲେ ।

ବିଭୀଷଣ କହିଲେ ହେ ପ୍ରଭୁ ! ଏବେ ଆପଣଙ୍କ ଚରଣର ଦର୍ଶନ କରି କୁଶଳରେ ଅଛି । ଜୀବ ଶୋକର ଘର କାମକୁ ଛାଡି ଶ୍ରୀରାମଙ୍କୁ ନ ଭଜିବା ପର୍ଯ୍ୟନ୍ତ ତା'ର କୁଶଳ ହୁଏ ନାହିଁ ଏବଂ ସ୍ୱପ୍ନରେ ବି ତା'ର ମନକୁ ଶାନ୍ତି ମିଳେନାହିଁ । ଲୋଭ, ମୋହ, ମତ୍ସର, ମଦ ଓ ମାନ ଆଦି ଅନେକ ଦୁଷ୍ଟ ସେ ପର୍ଯ୍ୟନ୍ତ ହୃଦୟରେ ବସିଥାନ୍ତି, ଯେ ପର୍ଯ୍ୟନ୍ତ ଧନୁ ବାଣ ଓ ଅଣ୍ଟାରେ ତୁରୀଣ ଧାରଣ କରି ଶ୍ରୀ ରଘୁନାଥ ହୃଦୟରେ ବସି ନ ଥାନ୍ତି । ମମତା ପୂର୍ଣ ଅନ୍ଧାର ରାତି ରାଗ ଦ୍ୱେଷ ରୂପୀ ପେଚାମାନଙ୍କୁ ସୁଖ ଦେଇଥାଏ । ସେହି ମମତା ରୂପୀ ରାତି ସେ ପର୍ଯ୍ୟନ୍ତ ଜୀବର ମନରେ ବସିଥାଏ, ଯେ ପର୍ଯ୍ୟନ୍ତ ଆପଣଙ୍କର ପ୍ରତାପ ରୂପୀ ସୂର୍ଯ୍ୟ ଉଦୟ ହୋଇ ନ ଥାଏ । ବିଭୀଷଣ ଆଗକୁ କହିଲେ- ହେ ପ୍ରଭୁ ! ଆପଣଙ୍କ ଚରଣାରବିନ୍ଦ ଦର୍ଶନ କରି ଏବେ ମୁଁ କୁଶଳରେ ଅଛି । ମୋର ସମସ୍ତ ଭୟ ଦୂର ହୋଇଯାଇଛି । ହେ କୃପାଳୁ ! ଆପଣ ଯାହା ଉପରେ ଅନୁକୂଳ ହୁଅନ୍ତି, ତାକୁ ତିନି ପ୍ରକାର ଭବଶୂଳ ଘେରି ନ ଥାଏ । ମୁଁ ତ ଅତ୍ୟନ୍ତ ନୀଚ ସ୍ୱଭାବର ରାକ୍ଷସ । ମୁଁ କେବେ ଶୁଭ ଆଚରଣ କରି ନାହିଁ, ତଥାପି ପ୍ରଭୁ ସ୍ୱୟଂ ହର୍ଷିତ ହୋଇ ମୋତେ ନିଜ ହୃଦୟରେ ଲଗାଇ ଦେଲେ । ହେ କୃପା ଓ ସୁଖର ପୁଞ୍ଜ ଶ୍ରୀରାମ ! ମୋର ଅତ୍ୟନ୍ତ ସୌଭାଗ୍ୟ ଯେ ଆଜି ମୁଁ ବ୍ରହ୍ମା ଓ ଶିବଙ୍କ ଦ୍ୱାରା ସେବିତ ଯୁଗଳ ଚରଣକମଳକୁ ନିଜର ନେତ୍ରରେ ଦେଖିଲି ।

ବିଭୀଷଣଙ୍କ ଭକ୍ତିପୂର୍ଣ୍ଣ ବଚନକୁ ଶୁଣି ପ୍ରଭୁ ଶ୍ରୀରାମ କହିଲେ ହେ ସଖା । ମୁଁ ତୁମକୁ ମୋର ସ୍ୱଭାବ କହୁଛି ଶୁଣ, ଯାହାକୁ କାକଭୁଷୁଣ୍ଡି ଶିବ ଓ ପାର୍ବତୀ ବି ଜାଣନ୍ତି । କୌଣସି ମନୁଷ୍ୟ ସମ୍ପୂର୍ଣ୍ଣ ଜଡ଼ ଚେତନ ଜଗତର ଦ୍ରୋହୀ ହୋଇଥାଉନା କାହିଁକି ଯଦି ସେ ଭୟଭୀତ ହୋଇ ମୋର ଶରଣକୁ ଆସିଯାଏ ଏବଂ ମଦ ମୋହ, ଛଳ କପଟ ଆଦି ତ୍ୟାଗ କରିଦିଏ ତ ମୁଁ ତାକୁ ବହୁତ ଶୀଘ୍ର ସାଧୁଙ୍କ ସମାନ କରିଦିଏ । ସେ ମାତା ପିତା, ଭାଇ, ପୁତ୍ର, ପତ୍ନୀ, ଶରୀର, ଧନ, ଘର, ବନ୍ଧୁ ଓ ପରିବାର ସମସ୍ତଙ୍କ ପ୍ରତି ମମତା, ଆସକ୍ତି ତ୍ୟାଗ କରି ଏବଂ ସେସବୁ ସାଂସାରିକ ସମ୍ବନ୍ଧର ଏକ ଡୋରି ତିଆରି କରି ଯଦି ସେହି ଡୋରିରେ ନିଜର ମନକୁ ମୋର ଚରଣରେ ବାନ୍ଧିନିଏ ତଥା ଯଦି ତା' ମନରେ ହର୍ଷ, ଶୋକ, ଭୟ ନଥାଏ ତେବେ ଏପରି ସଜ୍ଜନ ମୋର ହୃଦୟରେ ସେହିପରି ବସିଥାନ୍ତି, ଯେପରି ଲୋଭୀର ହୃଦୟରେ ଧନ ବସିଥାଏ । ତୁମ ପରି ସନ୍ଥ ହିଁ ମୋତେ ପ୍ରିୟ ! ମୁଁ ଅନ୍ୟ କାହାର କୃତଜ୍ଞତାରେ ଦେହ ଧାରଣ କରେ ନାହିଁ । ଏହିପରି ପ୍ରଭୁଙ୍କ ଶରଣାଗତି ପାଇ ବିଭୀଷଣ ନିର୍ଭୟ ହୋଇଗଲେ । ତାଙ୍କର ଶୋକ ସମାପ୍ତ ହୋଇଗଲା । ତାଙ୍କୁ କେବଳ ଆତ୍ମୋପଲବ୍ଧି ହେଲା ନାହିଁ, ବରଂ ସେ ପ୍ରଭୁକୃପାରୁ ସୁବର୍ଣ୍ଣ ଲଙ୍କାର ଅଧିପତି ବି ହୋଇଗଲେ । ସେ ଇଙ୍କେଶ ହୋଇଗଲେ । ପ୍ରଭୁଙ୍କ ଶରଣରେ ତ ଲାଭ ହିଁ ଲାଭ ଅଛି, ହାନିର ତେ କୌଣସି ସମ୍ଭାବନା ହିଁ ନାହିଁ । ଈଶ୍ୱରଙ୍କ ସହିତ ଭାଗୀଦାରୀ କ୍ଷତିର ନୁହେଁ, ଲାଭର ସଉଦା ଅଟେ । ଈଶ୍ୱରଙ୍କ ଶରଣାଗତି ଆମ ପାଇଁ କେତେ କଲ୍ୟାଣକାରୀ, ମଙ୍ଗଳକାରୀ, ଏହାର ପୁଷ୍ଟି କରି ମହର୍ଷି ପତଞ୍ଜଳି ଯୋଗସୂତ୍ର ୨.୪୫ ରେ କହିଛନ୍ତି- ଈଶ୍ୱର ପ୍ରଣିଧାନ ଦ୍ୱାରା ସମାଧିର ସିଦ୍ଧି ହୋଇଥାଏ । ମହର୍ଷି ପତଞ୍ଜଳିଙ୍କ କହିବାର ଅର୍ଥ ଈଶ୍ୱରଙ୍କ ଶରଣାଗତି ଦ୍ୱାରା ଯୋଗ ସାଧନାରେ ଆସୁଥିବା ବିଘ୍ନଗୁଡିକର ନାଶ ହୋଇ ଶୀଘ୍ର ସମାଧି ନିଷ୍ପନ୍ନ ହୋଇଯାଏ, କାରଣ ଈଶ୍ୱରଙ୍କ ଉପରେ ନିର୍ଭର ରହୁଥିବା ସାଧକ ତ କେବଳ ତତ୍ପରତାରେ ସାଧନା କରିଥାଏ ତାକୁ ସାଧନାର ପରିଣାମର ଚିନ୍ତା ନ ଥାଏ । ତାର ସାଧନାରେ ଆସୁଥିବା ବିଘ୍ନଗୁଡିକୁ ଦୂର କରିବାର ଓ ସାଧନାର ସିଦ୍ଧିର ଭାର ଈଶ୍ୱରଙ୍କ ଉପରେ ପଡିଯାଏ, ଏଣୁ ସାଧନା ଅନାୟାସ ଓ ଶୀଘ୍ର ପୂର୍ଣ୍ଣ ହେବା ସ୍ୱାଭାବିକ । ସନ୍ଥ, ଋଷି, ମୁନି, ଯୋଗୀ ଆଦି ଈଶ୍ୱରୀୟ ଆଲୋକରେ ଆଲୋକିତ ହୋଇଥାନ୍ତି । ସେଥିପାଇଁ ଈଶ୍ୱରଙ୍କ ଅତିରିକ୍ତ ଏପରି ବୁଦ୍ଧପୁରୁଷଙ୍କ ଶରଣାଗତି ପରି କଲ୍ୟାଣକାରୀ, ମଙ୍ଗଳକାରୀ, କାରଣ ସେମାନେ ବି ଈଶ୍ୱର ରୂପ, ବ୍ରହ୍ମ ରୂପ ହିଁ ଅଟନ୍ତି । ତେଣୁକରି ଏଭଳି ବୁଦ୍ଧପୁରୁଷଙ୍କ ଶରଣରେ ଯାଇ ଆମେ ନିର୍ଭୟ ହୋଇଯାଉ ।

## ଲ୍ୟାମ୍ପସ୍ ନିର୍ଦ୍ଦେଶକଙ୍କ ଘରେ ଭିଜିଲାନ୍ସ ଚଢ଼ଉ

ସମ୍ବଲପୁର : ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ଜମନକିରା ଲ୍ୟାମ୍ପ୍ସ ପରିଚାଳନା ନିର୍ଦ୍ଦେଶକ ଫଣିନ୍ଦ୍ର କୁମାର ସାହୁଙ୍କ ଘରେ ଭିଜିଲାନ୍ସ ଚଢ଼ାଉ କରି ନଗଦ ୨.୩୬ ଲକ୍ଷ ଟଙ୍କା, ସମ୍ବଲପୁରରେ ୨ଟି ପ୍ଲଟ୍, ୭ଟି ଗାଡ଼ି ଜବତ କରିଛି । ଶ୍ରୀ ସାହୁଙ୍କ ସମ୍ବଲପୁର ପୁଟିବନ୍ଧସ୍ଥିତ ଭଡ଼ାଘର, ଜମନକିରାସ୍ଥିତ ଅଫିସ୍, ଜମନକିରା ଜଗନ୍ନାଥପଡ଼ାସ୍ଥିତ ପୈତୃକ ବାସଭବନ, ସୁନ୍ଦରଗଡ଼ର ବଡ଼ଗାଁ ସ୍ଥିତ ଶ୍ୱଶୁର ଘର ଓ ଧନକଉଡ଼ାରେ ଥିବା ଘରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକକାଳୀନ ଚଢ଼ଉ ଜାରି ରହିଛି । ଏନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ମାମଲା ମଧ ରୁଜୁ କରାଯାଇଥିବା ଜଣାପଡ଼ିଛି ।

ଶ୍ରୀ ସାହୁଙ୍କ ଘରେ ଆୟ ବହିର୍ଭୁତ ସମ୍ପତି ଠୁଳ ହୋଇଥିବା ନେଇ ସୂଚନା ପାଇ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ଉ ଆରମ୍ଭ କରାଯାଇଥିଲା । ସମସ୍ତ ୫ଟି ସ୍ଥାନରେ ଚଢ଼ଉ କରାଯାଇ ମୋଟ ୧ କୋଟି ୭୩ ଲକ୍ଷ ଟଙ୍କାର ସ୍ଥାବର-ଅସ୍ଥାବର ସମ୍ପତି ଠାବ ହୋଇଛି । ଶ୍ରୀ ସାହୁଙ୍କର ଜମନକିରାରେ ୨ ମହଲା କୋଠା, ଧନକଉଡ଼ାରେ କୋଠା, ଧନକଉଡ଼ାରେ ୨ଟି ପ୍ଲଟ୍ ମିଳିଛି । ସେପଟେ, ଶ୍ରୀ ସାହୁଙ୍କ ନାମରେ ଗୋଟିଏ ବଲେରୋ, ୨ଟି ବଲେରୋ ଆମ୍ବୁଲାନ୍ସ, ଗୋଟିଏ ମାରୁତି ସୁଜୁକି କାର୍, ୨ଟି ବାଇକ୍ ଓ ୨୨.୧୯ ଲକ୍ଷ ଟଙ୍କାର ବ୍ୟାଙ୍କ୍ ଡିପୋଜିଟ୍ ରହିଥିବା ଜଣାପଡ଼ିଛି । ଏହାବାଦ୍ ୧୩.୨୨ ଲକ୍ଷ ଟଙ୍କାର ଇନ୍ସୁରାନ୍ସ ଡିପୋଜିଟ୍, ୨୫.୯୨ ଲକ୍ଷ ଟଙ୍କାର ସୁନା ଅଳଙ୍କାର ସାଙ୍ଗକୁ ନଗଦ ଟଙ୍କା ବି ଜବତ ହୋଇଛି ।

## ଖବରକାଗଜ ବିତରକଙ୍କ ପାଇଁ ସାମାଜିକ ସୁରକ୍ଷା

ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ଖବରକାଗଜ ବିତରକଙ୍କ ପାଇଁ ଏକ ସାମାଜିକ ସୁରକ୍ଷା ଯୋଜନା ଘୋଷଣା କରିଛନ୍ତି । ଏହି ଯୋଜନା ଅନୁଯାୟୀ ଓଡ଼ିଶା ଅଣ ସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ପଞ୍ଜୀକୃତ ହୋଇଥିବା ଖବରକାଗଜ ବିତରକମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦିଆଯିବ । ଏହି ଯୋଜନା ଅନୁଯାୟୀ ଦୁର୍ଘଟଣାଜନିତ ମୃତ୍ୟୁ କ୍ଷେତ୍ରରେ ସେମାନଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଓ ପ୍ରାକୃତିକ ମୃତ୍ୟୁ କ୍ଷେତ୍ରରେ ୧ ଲକ୍ଷ ଟଙ୍କା ସହାୟତା ଯୋଗାଇ ଦିଆଯିବ । ସେହିପରି ଦୁର୍ଘଟଣା ଯୋଗୁଁ ସମ୍ପୂର୍ଣ୍ଣ ଅକ୍ଷମ ହୋଇଥିବା ବିତରକମାନଙ୍କୁ ଦେଢ଼ଲକ୍ଷ ଟଙ୍କା ଏବଂ ଆଂଶିକ ଅକ୍ଷମତା କ୍ଷେତ୍ରରେ ଉଭୟ ଅଙ୍ଗ ହରାଇଥିବା ବ୍ୟକ୍ତିଙ୍କୁ ୮୦ ହଜାର ଟଙ୍କା ଏବଂ ଗୋଟିଏ ଅଙ୍ଗ ହରାଇଥିବା ବ୍ୟକ୍ତିଙ୍କୁ ୪୦ ହଜାର ଟଙ୍କା ସହାୟତା ଦିଆଯିବ । କୋଭିଡ ଯୋଗୁଁ ସେମାନେ ସମ୍ମୁଖୀନ ହୋଇଥିବା ଆର୍ଥିକ ଦୁଃସ୍ଥିତିକୁ ଦୃଷ୍ଟିରେ ରଖି ସବୁ ପଞ୍ଜୀକୃତ ଖବରକାଗଜ ବିତରକମାନଙ୍କୁ ଦୁଇଟି ପର୍ଯ୍ୟାୟରେ ୩୦୦୦ ଟଙ୍କା ଲେଖାଏ ସ୍ୱତନ୍ତ୍ର ସହାୟତା ଦେବା ପାଇଁ ନିଷ୍ପତ୍ତି କରାଯାଇଛି । ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଏହି ସହାୟତା ଯୋଗାଇ ଦିଆଯିବ ।

କାମ କରିବା ପାଇଁ ବହୁତ ସମୟରେ ବିତରକମାନେ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଏହି ସମସ୍ୟାକୁ ଦୂର କରିବା ପାଇଁ ରାଜ୍ୟ ସରକାର ସେମାନଙ୍କ ପାଇଁ ଜିଲ୍ଲାସ୍ତରରେ ଉପଯୁକ୍ତ ୱାର୍କଶେଡ୍ ନିର୍ମାଣ କରି ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଛି ।

ଏଥିସହିତ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାଜ୍ୟ ଓ ଜିଲ୍ଲାସ୍ତରୀୟ ବିତରକମାନଙ୍କର ଏହି ଡିଜିଟାଲ ଡାଟାବେସ୍ ପରିଚାଳନା କରାଯାଇ ସମସ୍ତ ବିତରକମାନଙ୍କୁ ଜିଲ୍ଲା ସ୍ତରରେ ଯାଞ୍ଚ କରାଯାଇ ପରିଚୟ ପତ୍ର ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

## ଏମସିଏଲ ଓ ସୁନ୍ଦରଗଡ଼ ପ୍ରଶାସନ ମଧ୍ୟରେ ୨୧.୪୬ କୋଟିର ଚୁକ୍ତି

ସୁନ୍ଦରଗଡ଼ : ମହାନଦୀ କୋଲଫିଲ୍ଡ ଲିମିଟେଡ ଓ ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ମଧରେ ୨୩୦ ଟି କମ୍ୟୁନିଟି ସେଣ୍ଟର ଓ ୧୦୫ ଟି ମୁକ୍ତମଞ୍ଚ ନିର୍ମାଣ ପାଇଁ ୨୧.୪୬ କୋଟି ଟଙ୍କାର ଏମଓୟୁ ସ୍ୱାକ୍ଷରିତ ହୋଇଛି । ଏହି ଏମଓୟୁ ବଳରେ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଗାଁରେ ୧୧.୫ କୋଟି ଟଙ୍କା ବ୍ୟୟରେ କମ୍ୟୁନିଟି ସେଣ୍ଟର ଓ ୯.୯୬ କୋଟି ଟଙ୍କା ବ୍ୟୟରେ ମୁକ୍ତ ମଞ୍ଚ ତିଆରି ହେବ । ଏମସିଏଲ ପକ୍ଷରୁ ସିଏସଆର ମହାପ୍ରବନ୍ଧକ ରଜନୀକାନ୍ତ ପାଣିଗ୍ରାହୀ ଏବଂ ସୁନ୍ଦରଗଡ଼ ପ୍ରଶାସନ ପକ୍ଷରୁ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡ ଏଥିରେ ସ୍ୱାକ୍ଷର କରିଥିଲେ । ଏହି କମ୍ୟୁନିଟି ସେଣ୍ଟର ଓ ପେଣ୍ଡାଲ ଗୁଡିକ ଗ୍ରାମାଞ୍ଚଳରେ ସାଂସ୍କୃତିକ ଓ ଆଧାତ୍ମିକ କାର୍ଯ୍ୟକ୍ରମ ଆୟୋଜନରେ ସହାୟକ ହେବ । ଏଥି ସହ ଏହା ଜରିଆରେ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ସଚେତନତା, ଆଦିବାସୀ ସଂସ୍କୃତି ଓ ପରମ୍ପରାର ପ୍ରଚାର କରାଯାଇ ପାରିବ ।

## ହୀରାଖଣ୍ଡ ଅଞ୍ଚଳରେ ହେଉ ବିକାଶ ପରିଷଦ ମୁଖ୍ୟାଳୟ

ସମ୍ବଲପୁର : ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟାଳୟ ହୀରାଖଣ୍ଡ ଅଞ୍ଚଳକୁ ସ୍ଥାନାନ୍ତର କରାଯିବାକୁ ବିଶିଷ୍ଟ ବ୍ୟକ୍ତି ଓ ବିଭିନ୍ନ ଅନୁଷ୍ଠାନମାନେ ମତପ୍ରକାଶ କରିଛନ୍ତି । ହୀରାଖଣ୍ଡ ସାମ୍ମୁଖ୍ୟର ସଭାପତି ଡକ୍ଟର ପରେଶ ଚନ୍ଦ୍ର ଦାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୁଦ୍ଧିଜୀବୀମାନଙ୍କ ସଭାରେ ଏହି ଦାବି ଉଠିଛି । ବିଶିଷ୍ଟ ଶିକ୍ଷାବିତ ଅରବିନ୍ଦ ମହାପାତ୍ର, ବିଜେପି ଜିଲ୍ଲା ସଭାପତି ଗିରିଶ ପଟେଲ, କଂଗ୍ରେସ ନେତା ସଂଜୀବ ଗର୍ଡିଆ, ଜିତେନ୍ଦ୍ର ପ୍ରଧାନଙ୍କ ସହିତ ଦୀପକ ପଣ୍ଡା, ଅର୍ଜୁନ ରଂଜନ ପଣ୍ଡା, ଅଶୋକ ପ୍ରଧାନ, ନନ୍ଦକିଶୋର ଦେବତା, ପଙ୍କଜିନୀ ମେହେର, ଆନନ୍ଦ ସାଗର ଦାଶ, ଅରବିନ୍ଦ ନାୟକ, ଅଖିଳ ପଟ୍ଟନାୟକ, କମଳ ଲୋଚନ ପଣ୍ଡା, ଅନ୍ନପୂର୍ଣ୍ଣା ବାରିକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଆରମ୍ଭରେ ଆୟୋଜକ ଅନୁଷ୍ଠାନର ସଂପାଦକ ସରୋଜ ଦାଶ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଇତିହାସ ଓ କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ । ସମ୍ବଲପୁରକୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟାଳୟ ସ୍ଥାନାନ୍ତର ଦାବି ହାସଲ ପାଇଁ ଜୋରଦାର ଆନ୍ଦୋଳନ, ବିକାଶ ପରିଷଦକୁ ସ୍ୱୟଂ ଶାସିତ କରିବା ସହିତ ପ୍ରଶାସନିକ, ଅର୍ଥନୈତିକ ସ୍ୱାଧୀନତା ପ୍ରଦାନ ଆଦି ଦାବି ଉପରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏଥି ସହିତ ଏହି ଦାବି ସଂପର୍କିତ ଦାବିପତ୍ର ହୀରାଖଣ୍ଡ ଅଞ୍ଚଳର ସମସ୍ତ ସାଂସଦ, ବିଧାୟକମାନଙ୍କ ପଠାଇବାକୁ ବି ବକ୍ତାମାନେ ମତ ଦେଇଥିଲେ ।

## ପଶ୍ଚିମ ଓଡ଼ିଶା ବିକାଶ ପରିଷଦରେ ୧୩ ନୂଆ ସଦସ୍ୟ

ଭୁବନେଶ୍ୱର : ରାଜ୍ୟ ସରକାରଙ୍କ ଯୋଜନା ଏବଂ ସମନ୍ୱୟ ବିଭାଗ ପକ୍ଷରୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସଦସ୍ୟ ତାଲିକା ଘୋଷଣା କରାଯାଇଛି । ତାଲିକାରେ ୨ ସାଂସଦ ଏବଂ ୧୧ ଜଣ ବିଧାୟକଙ୍କୁ ସାମିଲ କରାଯାଇଛି । ଏହି ତାଲିକାରେ କନ୍ଧମାଳ ସାଂସଦ ଡକ୍ଟର ଅଚ୍ୟୁତ ସାମନ୍ତ, ବରଗଡ଼ ସାଂସଦ ସୁରେଶ ପୂଜାରୀ ରହିଛନ୍ତି । ସେହିପରି ବିରୋଧୀ ଦଳ ନେତା ତଥା ଭବାନୀପାଟଣା ବିଧାୟକ ପ୍ରଦୀପ୍ତ କୁମାର ନାଏକ, ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି, ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ, ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ, ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢ଼ୋଲକିଆ, ପାଟଣାଗଡ଼ ବିଧାୟକ ସରୋଜ ମେହେର, ଦେବଗଡ଼ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିସାରୀ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଏବଂ ନୂଆପଡ଼ା ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ସଦସ୍ୟ ରହିଛନ୍ତି ।

## ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆନ୍ତଃ କଲେଜ୍ ଖେଳ ପ୍ରତିଯୋଗିତା

ବୁର୍ଲା : ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ତିନି ଦିନିଆ ଆନ୍ତଃ କଲେଜ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଗତ ୧ ତାରିଖରୁ ୩ ତାରିଖ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟର ସ୍ପୋର୍ଟସ୍ କାଉନସିଲ୍ ତରଫରୁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ମହିଳା କବାଡ଼ିରେ ସମୁଦାୟ ୧୧ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଏଥିରୁ ରାଜଗାଙ୍ଗପୁର ଏସ୍‌ଡି ମହିଳା ମହାବିଦ୍ୟାଳୟ ବିଜେତା ଓ ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟ ରନର୍ସଅପ୍ ହୋଇଥିଲା । ଏହି ପ୍ରତିଯୋଗିତାରେ ଆନନ୍ଦ ଚନ୍ଦ୍ର ପତି ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ । ସେହିପରି ପୁରୁଷ କବାଡ଼ି ପ୍ରତିଯୋଗିତାରେ ୨୪ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ବ୍ରଜରାଜନଗର କଲେଜ ବିଜେତା ହୋଇଥିବା ବେଳେ ରାଉରକେଲା ଏଚ୍.କେ. ରାୟ ମହାବିଦ୍ୟାଳୟ ରନର୍ସଅପ୍ ହୋଇଥିଲା । ଏଥିରେ ବିଚାରକ ଭାବେ ଉମାଶଙ୍କର ତ୍ରିପାଠୀ ଦାୟିତ୍ୱ ନିର୍ବାହ କରିଥିଲେ । ପୁରୁଷ ଭଲିବଲ୍ ପ୍ରତିଯୋଗିତାରେ ସମୁଦାୟ ୨୧ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ତୋରା ଡିଗ୍ରୀ ମହାବିଦ୍ୟାଳୟ ବିଜେତା ହୋଇଥିବା ବେଳେ ବେଲପାହାଡ଼ ଡିଗ୍ରୀ ମହାବିଦ୍ୟାଳୟ ରନର୍ସଅପ୍ ହୋଇଥିଲା । ଏଥିରେ ପି. ମିଶ୍ର ବିଚାରକ ରହିଥିଲେ ।



## ଘାସିରାମ ମିଶ୍ରଙ୍କ ପତ୍ନୀ ବିୟୋଗ

ବଲାଙ୍ଗିର : ଲୋକକଳା ଓ ସଂସ୍କୃତି ଗବେଷକ ଗୁରୁଶ୍ରୀ ଡକ୍ଟର ଘାସିରାମ ମିଶ୍ରଙ୍କ ପତ୍ନୀ ପ୍ରଫୁଲ୍ଲ ମିଶ୍ର (୭୬)ଙ୍କ ପରଲୋକ ହୋଇଯାଇଛି । ସେ ଦୀର୍ଘ ଦିନ ହେଲା ରାଧାରାଣୀ ପଡ଼ା ସ୍ଥିତ ବାସଭବନରେ ପକ୍ଷାଘାତରେ ପୀଡିତ ହୋଇ ଶଯ୍ୟାଶାୟୀ ଥିଲେ । ସେ ଜଣେ ଧର୍ମପରାୟଣ ଓ କଳାପ୍ରେମୀ ମହିଳା ଥିଲେ । ସ୍ଥାନୀୟ ବିଭୂତିପଡ଼ା ସ୍ଥିତ ଶ୍ମଶାନରେ ଦାହ ସଂସ୍କାର କରାଯାଇଥିବା ବେଳେ ପୁଅ ସୁବ୍ରତ ମୁଖାଗ୍ନି ଦେଇଥିଲେ ।


### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ଫଟୋ ସାମ୍ବାଦିକତାରୁ ଚଳଚ୍ଚିତ୍ର ନିର୍ଦ୍ଦେଶକ: ସଂଘର୍ଷର ପଥିକ ଗୌତମ

ସମ୍ବଲପୁର: ସଂଘର୍ଷ କରି ଧୀରେ ଧୀରେ ପାଦ ସଫଳତା ଆଡ଼କୁ ବଢୁଛି। ନିଜର ବୁଦ୍ଧି ଓ ପରିଶ୍ରମରୁ ଆଜି ସେ ଜଣେ ପରିଚିତ ତଥା ନାଁକରା ଫଟୋ ସାମ୍ବାଦିକ। ହେଲେ ଏତିକିରେ ତାଙ୍କ ପାଦ ଅଟକି ନାହିଁ। ଚଳଚ୍ଚିତ୍ର ନିର୍ମାଣ ପ୍ରତି ମନ ବଳାଇଛନ୍ତି। ଆଉ ସଫଳତା ସହ ପ୍ରଶଂସା ସାଉଁଟିଛନ୍ତି। ଦେଶ ଓ ବିଦେଶରେ ତାଙ୍କ ନିର୍ମିତ ଚଳଚ୍ଚିତ୍ର ଚର୍ଚ୍ଚାର ପରିଧିକୁ ଆସିପାରିଛି। ଏପରି ଜଣେ ସଫଳ ବ୍ୟକ୍ତିତ୍ୱ ହେଲେ ସମ୍ବଲପୁରର ଗୌତମ ମିଶ୍ର। ସମ୍ବଲପୁର ଗୋପାଳମାଳର ପ୍ରତିଭା ଓ ଗୋଲକବିହାରୀ ମିଶ୍ରଙ୍କ ପୁଅ ଗୌତମ। ବୟସ ୩୫ ବର୍ଷ। ତାଙ୍କ ଉପରେ ଅଛନ୍ତି ଦୁଇ ବଡ଼ ଭାଇ ଚିନ୍ମୟ ମିଶ୍ର ଓ ସିଦ୍ଧାର୍ଥ ମିଶ୍ର ଏବଂ ବଡ଼ ଭଉଣୀ ଅନ୍ୱେଷା ମିଶ୍ର। ସେ ବିବାହିତ। ପତ୍ନୀ ଅନୁସୟା ଗୃହିଣୀ ହୋଇଥିବା ବେଳେ ପୁଅ ସମର୍ଥ କେନ୍ଦ୍ରୀୟ ବିଦ୍ୟାଳୟର ଦ୍ୱିତୀୟ ଶ୍ରେଣୀ ଛାତ୍ର। ଗୌତମ ପରିବାରରେ ସାନ ହୋଇଥିବାରୁ ସମସ୍ତଙ୍କ ଗେହ୍ଲା। ସମ୍ବଲପୁର ଶ୍ରୀ ଅରବିନ୍ଦ ସ୍କୁଲରୁ ମାଟ୍ରିକ୍ ପାସ୍ କଲା ପରେ ଗଙ୍ଗାଧର ମେହେର କଲେଜରେ ଯୁକ୍ତଦୁଇ ପଢ଼ିଥିଲେ। ତାଙ୍କ ଠାରେ ଥିଲା ସୃଜନଶୀଳତା। ଯୁକ୍ତଦୁଇ ପରେ ଆଞ୍ଚଳିକ ମୁଦ୍ରଣ ବୈଷୟିକ ଶିକ୍ଷା କେନ୍ଦ୍ର କୋଲକତା ଯାଦବପୁରରୁ ଫଟୋଗ୍ରାଫି ଓ ସିନେମାଟୋଗ୍ରାଫିରେ ଡିପ୍ଲୋମା ହାସଲ କରିଥିଲେ। ସେଠାରୁ ଫେରିବା ପରେ ଆରମ୍ଭ ହୋଇଥିଲା ତାଙ୍କ କର୍ମମୟ ଜୀବନ। ୨୦୧୧ ମସିହାରେ ସେ ଦୈନିକ 'ପ୍ରମେୟ' ସମ୍ବଲପୁରରେ ଫଟୋ ସାମ୍ବାଦିକ ଭାବେ ଯୋଗ ଦେଇଥିଲେ। ଅଦ୍ୟାବଧି ସେ ତାଙ୍କ କର୍ତ୍ତବ୍ୟ ନିଷ୍ଠାର ସହ ପାଳନ କରୁଛନ୍ତି। ଇତି ମଧ୍ୟରେ ସେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରୁ ଜର୍ଣ୍ଣାଲିଜମ୍ ଓ ମାସ୍ କମ୍ୟୁନିକେଶନରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କାର୍ଯ୍ୟ ସମୟରେ ଅନେକ ଚ୍ୟାଲେଞ୍ଜ ତାଙ୍କ ସାମ୍ନାରେ ଛିଡ଼ା ହୋଇଛି। ହୀରାକୁଦ ଡଙ୍ଗା ବୁଡ଼ି ଘଟଣା, ଅଇଁଠାପାଲି ଥାନା ପୋଡ଼ି, ମାନେଶ୍ୱର ଟ୍ରେନ୍ ଦୁର୍ଘଟଣା, ହନୁମାନ ଜୟନ୍ତୀ, ବନ୍ୟା ଭଳି ଘଟଣାରେ ସେ ଦକ୍ଷତା ସହ ନିଜ କର୍ତ୍ତବ୍ୟ ସମ୍ପାଦନ କରିଛନ୍ତି। ଏତଦ ବ୍ୟତୀତ ସେ କ୍ରୀଡ଼ା, ପ୍ରକୃତି ଓ ବନ୍ୟପ୍ରାଣୀଙ୍କ ଫଟୋ ଉତ୍ତୋଳନ କରିବାକୁ ରୁଚି ରଖିଛନ୍ତି।

ଫଟୋ ସାମ୍ବାଦିକତାରେ ସଫଳତାର ସ୍ୱାଦ ଚାଖିବା ପରେ ଗୌତମ ଚଳଚ୍ଚିତ୍ର ନିର୍ମାଣ ପ୍ରତି ଆଗ୍ରହ ପ୍ରକାଶ କରିଥିଲେ। ଗୀତାଞ୍ଜଳି ଫିଲ୍ମ ବ୍ୟାନରରେ ୨୦୧୮ ମସିହାରେ ତାଙ୍କ ନିର୍ଦ୍ଦେଶିତ ଓ ପ୍ରଯୋଜିତ ପ୍ରଥମ କ୍ଷୁଦ୍ର ଚଳଚ୍ଚିତ୍ର 'ଖଡ଼ିଛୁଆଁ' ମୁକ୍ତି ଲାଭ କରିଥିଲା। ବାଳିକା ଶିକ୍ଷାକୁ ଗୁରୁତ୍ୱ ଦେଇ ଗୌତମ ଏହି ଚଳଚ୍ଚିତ୍ର ନିର୍ମାଣ କରିଥିଲେ। ଯାହାକି ବେଶ ସଫଳତା ହାସଲ କରିଥିଲା। ଗୋଆ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ, ପୁନେ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ ଓ ମୁମ୍ବାଇ କେଫେ ଇରାନୀ ଚାୟେ ଇଣ୍ଟରନ୍ୟାସନାଲ୍ ଫେଷ୍ଟିଭାଲରେ 'ଖଡ଼ିଛୁଆଁ' ପ୍ରଦର୍ଶିତ ହେବା ସହ ଦୃଷ୍ଟି ଆକର୍ଷଣ କରିଥିଲା। ବୁଦ୍ଧ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ବେଷ୍ଟ ଡକ୍ୟୁମେଣ୍ଟାରୀ, ଲେକସିଟି ଅନ୍ତର୍ଜାତୀୟ












ଚଳଚ୍ଚିତ୍ର ମହୋତ୍ସବରେ ବେଷ୍ଟ ସର୍ଟ ଡକ୍ୟୁମେଣ୍ଟାରୀ ଆୱାର୍ଡ, ଅଯୋଧ୍ୟା ଚଳଚ୍ଚିତ୍ର ମହୋତ୍ସବରେ ଜୁରୀ ଆୱାର୍ଡ, ମୋଡେଲ୍ ଓ ମୁଭି ଅନ୍ତର୍ଜାତୀୟ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ କୋଲକାତାରେ ଜୁରୀ ଆୱାର୍ଡ ପାଇଛି। 'ଖଡ଼ିଛୁଆଁ'ର ସଫଳତା ପରେ ଗୌତମ ଅଟକି ନ ଯାଇ ପୁଣି ଏକ ସମସ୍ୟାଭିତ୍ତିକ କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ କରିବାକୁ ନିଷ୍ପତ୍ତି ନେଲେ। ୨୦୨୦ ମସିହାରେ କ୍ଷୁଦ୍ର ଚଳଚ୍ଚିତ୍ର 'ଦ ଡିଭାଇନ୍ ଡକ୍ଟର୍' ତାଙ୍କ ନିର୍ଦ୍ଦେଶନା ଓ ପ୍ରଯୋଜନାରେ ନିର୍ମିତ ହୋଇ ସାରା ବିଶ୍ୱରେ ଚାଞ୍ଚଲ୍ୟ ସୃଷ୍ଟି କଲା। 'ଦ ଡିଭାଇନ୍ ଡକ୍ଟର୍' ଚଳଚ୍ଚିତ୍ର ସତ୍ୟ ଘଟଣା ଉପରେ ଆଧାରିତ। କୀଟନାଶକଜନିତ ଆତ୍ମହତ୍ୟା ସମଗ୍ର ବିଶ୍ୱ ପାଇଁ ଏକ ଜଟିଳ ସାମାଜିକ ସମସ୍ୟା ଅଟେ। ସମଗ୍ର ବିଶ୍ୱରେ ପ୍ରତି ବର୍ଷ ଲକ୍ଷ ଲକ୍ଷ ଲୋକ କୀଟନାଶକ ପିଇ ପ୍ରାଣ ହରାଉଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଚାଷ ସହିତ ସମ୍ପୃକ୍ତ। ଏହି ଆତ୍ମହତ୍ୟା ଗୁଡ଼ିକ ରୋକାଯାଇ ପାରେ କି ? ଏହି ବିଷୟ ବସ୍ତୁକୁ ନେଇ 'ଦ ଡିଭାଇନ୍ ଡକ୍ଟର୍' ନିର୍ମିତ। ଏଥିସହ ବୁର୍ଲା ଭିମ୍ସାର୍‌ର ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ଶଙ୍କର ରାମଚନ୍ଦାନୀଙ୍କ ନେତୃତ୍ୱରେ କିଛି ଡାକ୍ତର ପାରାକ୍ୱେଟ୍ ବ୍ୟାନ୍ କରାଯିବାକୁ ଦାବି କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଚଳଚ୍ଚିତ୍ରଟି ଯୁକ୍ତରାଷ୍ଟ୍ର ଆମେରିକାର ଚିକାଗୋ ୧୦ତମ ଇଣ୍ଟରନ୍ୟାସନାଲ୍ ସୋସିଆଲ୍ ଚେଞ୍ଜ ଫିଲ୍ମ ଫେଷ୍ଟିଭାଲରେ ୪୫ ଦିନ ଧରି ସ୍କ୍ରିନ୍ ହୋଇଛି। ସେହିପରି ୧୩ତମ ଜୟପୁର ଇଣ୍ଟରନ୍ୟାସନାଲ୍ ଫିଲ୍ମ ଫେଷ୍ଟିଭାଲ୍ ୨୦୨୧ ଓ ରୋମ ପ୍ରିଜ୍ମା ଫିଲ୍ମ ଆୱାର୍ଡ ଇଟାଲିରେ ସ୍କ୍ରିନିଂ ହେବା ସହ ବଲିଉଡ୍ ଇଣ୍ଟରନ୍ୟାସନାଲ୍ ଫିଲ୍ମ





ଫେଷ୍ଟିଭାଲ୍-୨୦୨୧ରେ ସ୍କ୍ରିନ୍ ହେବା ସହ ଫେଷ୍ଟିଭାଲର ଟିମ୍ ସଦସ୍ୟ ଭାବବିହ୍ୱଳ ହୋଇ ପାରାକ୍ୱେଟ୍ ବ୍ୟାନ୍ କରାଯିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ପୋର୍ଟ ବ୍ଲେଆର୍ ଇଣ୍ଟରନ୍ୟାସନାଲ୍ ଫିଲ୍ମ ଫେଷ୍ଟିଭାଲ୍-୨୦୨୧ରେ କ୍ରିଟିକ୍ସ ଚଏସ୍ ଆୱାର୍ଡ (ବେଷ୍ଟ ଡକ୍ୟୁମେଣ୍ଟାରୀ ସର୍ଟ ଫିଲ୍ମ), ମହାରାଷ୍ଟ୍ର ଇଣ୍ଟରନ୍ୟାସନାଲ୍ ଫିଲ୍ମ ଫେଷ୍ଟିଭାଲରେ ସିଲେକ୍ସନ୍, ଲଣ୍ଡନ ଲୋନ୍‌ଲି ଉଲଫ୍ ଇଣ୍ଟରନ୍ୟାସନାଲ୍ ଫିଲ୍ମ ଫେଷ୍ଟିଭାଲ୍-୨୦୨୧ରେ ଡକ୍ୟୁମେଣ୍ଟାରୀ ସିନେମାଟୋଗ୍ରାଫି ବର୍ଗରେ ନୋମିନୀ, ଷଷ୍ଠ ଇଣ୍ଟରନ୍ୟାସନାଲ୍ ସର୍ଟ ଫିଲ୍ମ ଫେଷ୍ଟିଭାଲ୍-୨୦୨୧ରେ ମନୋନୀତ ହୋଇଛି। ଯଥା କଥା ଇଣ୍ଟରନ୍ୟାସନାଲ୍ ଫିଲ୍ମ ଆଣ୍ଡ ଲିଟ୍ରେଚର୍ ଫେଷ୍ଟିଭାଲ୍ ମୁମ୍ବାଇରେ ଇଣ୍ଡିଆନ୍ ସିନେମା ବର୍ଗରେ ଶ୍ରେଷ୍ଠ ଡକ୍ୟୁମେଣ୍ଟାରୀ ଆୱାର୍ଡ ପାଇଛି। ଆଉ ଫେଷ୍ଟିଭାଲର ଆୟୋଜକ ଟିମ୍ ଆଗାମୀ ଦିନରେ ସେମାନଙ୍କ ସହ କାର୍ଯ୍ୟ କରିବାକୁ ସୁଯୋଗ ଦେଇଛନ୍ତି। ଏହି ଯାତ୍ରା ଅବ୍ୟାହତ ରହିଛି। ଗୌତମ ଫଟୋଗ୍ରାଫି ପ୍ରତି ତାଙ୍କ ବାପାଙ୍କ ଠାରୁ ପ୍ରେରଣା ପାଇଥିଲେ। ଏହାସହ ଜୀବନର ପ୍ରତି ପଦକ୍ଷେପ ସେ ନିଜ ବଡ଼ଭାଇ ସିଦ୍ଧାର୍ଥଙ୍କ ପରାମର୍ଶରେ ନେଇଥାନ୍ତି। ବଡ଼ଭାଇ ହେଉଛନ୍ତି ତାଙ୍କର ଆଦର୍ଶ। ସମାଜରେ ରହିଥିବା ବିଭିନ୍ନ ସମସ୍ୟା ସମାଧାନ ଓ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଗକୁ ଆହୁରି ଏପରି ଚଳଚ୍ଚିତ୍ର ନିର୍ମାଣ କରାଯିବ ବୋଲି ଗୌତମ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ସମ୍ବଲପୁର ଜିଲ୍ଲା କ୍ରୀଡ଼ା ସଂଘର ନୂତନ କର୍ମକର୍ତ୍ତା

ସମ୍ବଲପୁର: ସମ୍ବଲପୁର ଜିଲ୍ଲା କ୍ରୀଡ଼ା ସଂଘର ନୂତନ ଉପସଭାପତି ଭାବେ ଦୁଲାଲ ଚନ୍ଦ୍ର ପ୍ରଧାନ ଓ ସାବିର ଅହମ୍ମଦ ଏବଂ ସାଧାରଣ ସଂପାଦକ ରୂପେ ଅଧାପକ ସୁନୀଲ କୁମାର ସାହୁ ନିର୍ବାଚିତ ହୋଇଛନ୍ତି। ସେହିପରି ଅବିନାଶ ନନ୍ଦ କ୍ରିକେଟ ସମ୍ପାଦକ, ଉମାପତି ତ୍ରିପାଠୀ କୋଷାଧ୍ୟକ୍ଷ , ରାଜେଶ ସେଠ କ୍ରୀଡ଼ା ସଂପାଦକ, ଅବଦୁଲ ଗଫର ଫୁଟବଲ ସଂପାଦକ ଓ ବିନୋଦ ଟପ୍ପୋ ହକି ସଂପାଦକ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରୀ ସଦସ୍ୟ ଭାବରେ ମନୋଜ ଭୋଇ, ପଦ୍ମନାଭ ନାୟକ, ବିଭୁତିଭୂଷଣ ମିଶ୍ର, ସୁବୋଧ ସାହୁ, ଶାନ୍ତନୁ କୁମାର ନନ୍ଦ, ଲକ୍ଷ୍ମୀଚନ୍ଦ ମହାକୁର, କୁନ୍ଦନ ପ୍ରଧାନ, ମନୋଜ ପଣ୍ଡା, ମହମ୍ମଦ ଇସାକ ଓ ରତିକାନ୍ତ ମହାନ୍ତି ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନରେ ୩୬ ଜଣ ଆଜୀବନ ସଦସ୍ୟ ୬୬ କ୍ଲବର ସଦସ୍ୟ ଭାଗ ନେଇଥିଲେ। ୧୮୬ ଜଣ ଭୋଟରଙ୍କ ମଧ୍ୟରୁ ୧୮୧ ଜଣ ମତଦାନ କରିଥିଲେ।



## ରାମଦାସ ପଣ୍ଡା ଷଷ୍ଠ ଥର ପାଇଁ ହେଲେ ସଭାପତି

ସମ୍ବଲପୁର : ଓଡ଼ିଶା ପୁଲିସ ହାବିଲଦାର ଓ କନେଷ୍ଟବଲ ସଂଘ ସମ୍ବଲପୁର ଶାଖା ନିର୍ବାଚନରେ ପୁଣି ଥରେ ବାଜି ମାରିଛନ୍ତି ରାମ ଦାସ ପଣ୍ଡା। ସେ ୬ଷ୍ଠ ଥର ପାଇଁ ସଭାପତି ନିର୍ବାଚିତ ହୋଇଛନ୍ତି। ସେହିପରି ଅରୁଣ ମାଝୀ ଉପସଭାପତି, ସୁଶାନ୍ତ କୁମାର ସାହୁ ସମ୍ପାଦକ, ଗଜେନ୍ଦ୍ର ମାଝୀ କୋଷାଧ୍ୟକ୍ଷ, ସୁଶାନ୍ତ ନାଏକ ଓ ରବୀନ୍ଦ୍ର ଖଡିଆ ସହ ସମ୍ପାଦକ ଏବଂ ସତ୍ୟନାରାୟଣ ଓରାମ, ବରୁଣ ରାଉତ, ଜୟନ୍ତ କୁମାର କାଲୋ, ସମ୍ବିତ ସନମ ପୁରୋହିତ, କୌଶିକ ବିଶ୍ୱାଳ କାର୍ଯ୍ୟକାରିଣୀ ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି।



## ହିନ୍ଦ ମଜଦୂର ସଭାର ରାଜ୍ୟ କମିଟି ପୁନର୍ଗଠିତ

ବ୍ରହ୍ମପୁର : ଦେଶର ଅଗ୍ରଣୀ ଶ୍ରମିକ ସଂଗଠନ ହିନ୍ଦ ମଜଦୂର ସଭା (ଏଚ.ଏମ.ଏସ.) ର ଓଡିଶା ରାଜ୍ୟ ସଂଗଠନକୁ ଆହୁରି ସୁଦୃଢ କରିବା



ନିମନ୍ତେ ପୁର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀଙ୍କୁ କାର୍ଯ୍ୟକାରୀ ସଭାପତି ଓ ବରିଷ୍ଠ ସାମ୍ବାଦିକ ତଥା ଶ୍ରମିକ ନେତା ରବି ରଥଙ୍କୁ ଉପ-ସଭାପତି ଭାବେ ନୂତନ ଦାୟିତ୍ୱ ମିଳିଛି। ହିନ୍ଦ ମଜଦୂର ସଭା (ଏଚ.ଏମ.ଏସ.) ର ଓଡିଶା ରାଜ୍ୟ ସଭାପତି କୃଷ୍ଣଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କମିଟିର ଏକ ସ୍ୱତନ୍ତ୍ର ବୈଠକରେ ସର୍ବସମ୍ମତି କ୍ରମେ ଏହି ନିଷ୍ପତ୍ତି ନିଆଯାଇଛି।

## କନକତୋରା ଜଗନ୍ନାଥ ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ



ଝାରସୁଗୁଡ଼ା : ଲଖନପୁର ବ୍ଲକ କନକତୋରା ଗ୍ରାମର ପ୍ରଭୁ ଜଗନ୍ନାଥ ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟ ପାଇଁ ବିଧାୟକ କିଶୋର ମହାନ୍ତି ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବିଧାୟକ ଉନ୍ନୟନ ପାଣ୍ଠିରୁ ସେ ଏଥିପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଇଛନ୍ତି।

## ଫକିରଙ୍କୁ ଶ୍ରଦ୍ଧାଞ୍ଜଳି ଦେଲା ଚେତନା ନାଟ୍ୟ ଅନୁଷ୍ଠାନ

ସମ୍ବଲପୁର : ସମ୍ବଲପୁରୀ କଣ୍ଠଶିଳ୍ପୀ ଫକିର ମୋହନ ପଟ୍ଟନାୟକଙ୍କୁ ଚେତନା ନାଟ୍ୟ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଅନୁଷ୍ଠାନର ସଭାପତି ଅଶୋକ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ସନ୍ତୋଷ ମିଶ୍ର, ତ୍ରିଲୋଚନ ତ୍ରିପାଠୀ, କାହ୍ନୁକେଶବ ବହିଦାର, ଦୟାନିଧି ବେହେରା, ମାନସ ଷଡ଼ଙ୍ଗୀ, ଅଶୋକ ପଟ୍ଟନାୟକ, ସୁରେନ୍ଦ୍ର ଖେଟେଇ, ସୌରଭ ଷଡ଼ଙ୍ଗୀ, ଚେତନାମୟୀ ବେହେରା ପ୍ରମୁଖ ସଙ୍ଗୀତ ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ବାଦ୍ୟ ଯନ୍ତ୍ରରେ କୃଷ୍ଣଚନ୍ଦ୍ର ବାଗ, କପିଳେନ୍ଦ୍ର ସାହୁ, ପ୍ରମୋଦ ମିଶ୍ର, ପ୍ରମୋଦ ନାୟକ, ପ୍ରଦୀପ ପାଇକ, ଦେବାଶିଷ ପାଢ଼ୀ, ମହେଶ ପଟେଲ ଓ ନିତିଶ ଗୁରୁ ରହିଥିଲେ। ଏହି ଅବସରରେ ସ୍ୱର୍ଗତ ପଟ୍ଟନାୟକଙ୍କ ପୁତ୍ର ସଞ୍ଜୟ ପଟ୍ଟନାୟକ ଓ ପୁତ୍ରବଧୂ ସଞ୍ଜୁକ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ଆସନ୍ତାବର୍ଷରୁ 'ସ୍ୱର୍ଗତ ଫକିର ମୋହନ ପଟ୍ଟନାୟକ ସ୍ମୃତି ସମ୍ମାନ' ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ଘୋଷଣା କରାଯାଇଥିଲା। ଶରତ ପାଢ଼ୀ ଧନ୍ୟବାଦ ଦେଇଥିଲେ।



## ଦୀପକ ସାହୁଙ୍କ ଅକାଳ ବିୟୋଗ



ସମ୍ବଲପୁର : ସ୍ଥାନୀୟ ମୁଦିପଡ଼ାର ହଟଲି ନିକଟସ୍ଥ ସାହୁ ହୋଟେଲର ମାଲିକ ଅର୍ଜୁନ ସାହୁଙ୍କ ପୁତ୍ର ଦୀପକ ସାହୁଙ୍କ ଅକାଳ ବିୟୋଗ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ପ୍ରାୟ ୩୦ ବର୍ଷ ବୟସ ହେଉଥିଲା। ସେ ସାହୁ ଷ୍ଟିଲ୍ ଓ ଇଣ୍ଟିରିଅର୍ସର ମାଲିକ ଥିଲେ। ଗତ କିଛିଦିନ ହେବ ସେ ଅସୁସ୍ଥ ଥିଲେ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663-2400945
e-mail: hemantamahapatra@yahoo.com Editor : Hemanta Kumar Mahapatra